
THE SUNDAY SECTION OF NITIDIN



ପ୍ରଚ୍ଛଦ
ଶ୍ରୀଲୀଳାଙ୍କ ସୌଜନ୍ୟରୁ





ନିତିଦିନ NITIDIN

# ନଜର

ରବିବାର ମ୍ୟାଗାଜିନ୍ ● ରବିବାର, ୫ ଜାନୁଆରୀ, ୨୦୨୫


## ଓଡ଼ିଆ ଅସ୍ମିତା ନବଦିଗନ୍ତ



# ସ୍ୱାମୀ ବିବେକାନନ୍ଦ

୨୦

■ ମନୋଜ କୁମାର ମହାପାତ୍ର



ସେ ଏହି ସତ୍ୟ ଆବିଷ୍କାର କଲେ ଯେ ଶ୍ରୀ ରାମକୃଷ୍ଣ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଅବତୀର୍ଣ୍ଣ ହୋଇଛନ୍ତି। ଅତଏବ, ସେ ଦେଇଥିବା ବ୍ରତର ପ୍ରୟୋଗ ଭୂମି ହେବ ସମସ୍ତ ଜଗତ। ଶିକ୍ଷା ମାଧ୍ୟମରେ ବ୍ରତ ଉଦ୍‌ଯାପିତ କରିବାକୁ ହେବ, ସେ ଏହା ସ୍ପଷ୍ଟଭାବେ ବୁଝିପାରିଥିଲେ। କିନ୍ତୁ କି ଶିକ୍ଷା ଦେବେ ? ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ସ୍ୱାମୀଜୀଙ୍କୁ ପଦବ୍ରଜରେ ଚଳମାନ କରାଇଲେ ସାରା ଭାରତବର୍ଷ। ଭାରତର ସକଳ ସ୍ତରର ଲୋକ ସ୍ୱାମୀଜୀଙ୍କୁ ଦେଖିଲେ। ସ୍ୱାମୀଜୀ ସମସ୍ତଙ୍କୁ ଦେଖିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ରାମକୃଷ୍ଣଙ୍କ କଥା ମନେପଡ଼େ-'ନରେନ୍ ଯେବେ ବାହାରର ଲୋକଙ୍କ ସଙ୍ଗରେ ମିଶିବ, ସେତେବେଳେ ସେ ସମସ୍ତଙ୍କୁ ଭଲ ପାଇବ। ସମସ୍ତଙ୍କୁ ନିଜର କରିନେଇ ଏକ ହୋଇଯିବ - ବିଦ୍ୱେଷ ଭାବ ଆଉ ରହିବ ନାହିଁ। ଇୟେ ସାକାର ମାନେ, ନିରାକାର ମାନେନା - ଇୟେ ନିରାକାର ମାନେ - ସାକାର ମାନେନା - ଇୟେ ହିନ୍ଦୁ - ସିଏ ମୁସଲମାନ ଓ ଖ୍ରୀଷ୍ଟିଆନ୍ - ଏହିଭଳି ନାକଟେକା ଘୃଣା କରେନାହିଁ। ତାଙ୍କୁ ଯେମିତି ଯିଏ ବୁଝିଛି। ସମସ୍ତଙ୍କର ଭିନ୍ନ ଭିନ୍ନ ପ୍ରକୃତି ଜାଣି, ସେମାନଙ୍କ ସଙ୍ଗରେ ମିଶିବ। ସେମାନଙ୍କୁ ଭଲ ପାଇବ। ତା'ପରେ ନିଜ ଘରକୁ ଫେରି ଶାନ୍ତି -ଆନନ୍ଦ ଭୋଗ କରିବ। ଜ୍ଞାନଦୀପ ଜାଳି ଘରେ ବ୍ରହ୍ମମୟୀର ମୁଖ ଦେଖ ନାହିଁ- ନିଜ ଘରେ ସ୍ୱରୂପକୁ ଦେଖିପାରିବ ?' ସ୍ୱାମୀଜୀ ସମସ୍ତଙ୍କ ସାଙ୍ଗରେ, ସବୁ ସ୍ତରର, ସବୁ ଧର୍ମର ଓ ଅଧର୍ମର ଲୋକଙ୍କ ସହ ମିଶିଲେ। ସେମାନଙ୍କର ଦୁଃଖ-ସୁଖ, ଆଶା-ଆକାଂକ୍ଷା, ବେଦନା-ସମସ୍ୟା, ଆଶା-ନିରାଶାର ଅଂଶୀଦାର ହେଲେ। ନିଜର ଧ୍ୟାନମନ୍ଦିରରେ ସ୍ୱରୂପକୁ ଦେଖିବାକୁ ଲାଗିଲେ। ବିପଦ ଆପଦ ଆସିଛି - କ୍ଷୁଧିତ ରହିବାକୁ ପଡ଼ିଛି କେତେ ଦିନ କିନ୍ତୁ ତାଙ୍କର ମାନବ ପ୍ରତି ପ୍ରେମ କ୍ରମଶଃ ହୃଦୟରେ ଉଦ୍‌ବେଳିତ ତାଙ୍କୁ କରୁଥିଲା ସବୁ ସମୟରେ। ଯେଉଁ ମାନବପୂଜା ଶ୍ରୀ ରାମକୃଷ୍ଣଙ୍କ ଠାରୁ ଶିଖିଥିଲେ, ତାହା ମନୁଷ୍ୟ ପାଇଁ ସୁଗଭୀର ଆତ୍ମୀୟତା ଅନୁଭୂତିରେ ପରିଣତ ହେବାକୁ ଲାଗିଲା।

ସମଗ୍ର ଭାରତବର୍ଷ-ପୂର୍ବରୁ ପଶ୍ଚିମ, ଉତ୍ତରରୁ-ଦକ୍ଷିଣ ପରିବ୍ରାଜ ସମାପ୍ତ କରି ପହଞ୍ଚିଲେ ବହ୍ନିମାନ ବ୍ରହ୍ମଜ୍ଞାନୀ ତ୍ୟାଗୀ ବୀର ବିବେକାନନ୍ଦ କନ୍ୟାକୁମାରୀରେ। ଶକ୍ତିପୀଠ। ମାଆ ଭବାନୀଙ୍କର ତପସ୍ୟା ସ୍ଥଳ। ଶିବଙ୍କୁ ଲାଭ କରିବା ପାଇଁ ଏଇଠି କରିଥିଲେ ତପସ୍ୟା ଜଗଜ୍ଜନନୀ ହିମଗିରି କନ୍ୟା ପାର୍ବତୀ। ଶିବଙ୍କ ବିନା ଶକ୍ତି ରହିପାରନ୍ତି ନାହିଁ। ନିଜେ ଭଗବାନ ଶ୍ରୀ ରାମକୃଷ୍ଣ ମାଆଙ୍କ ଉପାସନା କଲେ ଦକ୍ଷିଣେଶ୍ୱରରେ ଏବଂ ମାତୃଶକ୍ତିର ଅବତରଣ କରାଇଲେ ଧରାପୃଷ୍ଠରେ ଭକ୍ତି ଓ ପ୍ରେମ ମାଧ୍ୟମରେ। ଯେଉଁ କାଳୀକୁ ପୂଜା କରୁଥିଲେ ପାଷାଣ ମୂର୍ତ୍ତିରେ, ସେ ହିଁ ମଧ୍ୟ ଶ୍ରୀ ମା'ସାରଦା ରୂପେ ଅବତୀର୍ଣ୍ଣ ହୋଇ ଲୀଳା କଲେ ପ୍ରଭୁଙ୍କ ସଙ୍ଗରେ। ଶ୍ରୀ ରାମକୃଷ୍ଣ ଭଲଭାବେ ଜାଣିଥିଲେ ଶିବଙ୍କ ବିନା ଲୀଳା ସମ୍ପୂର୍ଣ୍ଣ ହେବ ନାହିଁ। ଶିବଶକ୍ତି ଏକ ଓ ଅଭିନ୍ନ। ନେଇଆସିଲେ ଶିବଙ୍କୁ ଅଖଣ୍ଡ ରାଜ୍ୟରୁ। ଶିବ ମଧ୍ୟ ଅପେକ୍ଷାରତ ଥିଲେ ସ୍ୱୟଂ ପରଂବ୍ରହ୍ମଙ୍କର ପାଦସେବା ପାଇଁ। ଅବଶ୍ୟ ନିଜର ପ୍ରକୃତ ସ୍ୱରୂପ ବିସ୍ମରଣ ହୋଇଥିବାରୁ ମାଆଙ୍କୁ ପ୍ରଥମେ ମାନୁନଥିଲେ ନରେନ୍ଦ୍ର। ଶ୍ରୀ ରାମକୃଷ୍ଣ ଚିହ୍ନାଇ ଦେଲେ ମାଆଙ୍କୁ। ଯେଉଁଦିନ ନରେନ୍ଦ୍ର ମାଆଙ୍କୁ ଚିହ୍ନିଲେ ଓ ମାନିଲେ, ସେଦିନ ଶ୍ରୀ ରାମକୃଷ୍ଣଙ୍କର ଆନନ୍ଦ କହିଲେ ନସରେ। ବାଳକପ୍ରାୟ ନୃତ୍ୟ କରି କମ୍ପାଇ ଦେଲେ- 'ଆଜି ନରେନ୍ଦ୍ର ମାଆ କାଳୀଙ୍କୁ ମାନିଛି।' ଯୋଗୀଶ୍ରେଷ୍ଠ ସ୍ୱୟଂ ଶିବ ବିବେକାନନ୍ଦ ଆକର୍ଷିତ ହୋଇ ଆଜି ପହଞ୍ଚିଛନ୍ତି ଦେବୀପୀଠରେ - ମାତୃପୀଠ କନ୍ୟାକୁମାରୀରେ। ପରିବ୍ରାଜକ ଜୀବନର ସମସ୍ତ ଅନୁଭୂତିକୁ ମାଆ କନ୍ୟାକୁମାରୀଙ୍କ ପାଦପଦ୍ମରେ ସମର୍ପି ଦେବେ। ଅନ୍ତର ଖୋଲି ପ୍ରାର୍ଥନା କରିବେ। ମାଆ - 'କହିଦିଅ କିପରି ତୁମ କାର୍ଯ୍ୟ ସମ୍ପାଦନ କରିବି ? ଲକ୍ଷ୍ୟ ବତାଇଦିଅ। ବତାଇଦିଅ ମାଆ ସାରା ବିଶ୍ୱକୁ ମୁଁ କି ଶିକ୍ଷା ଦେବି ?'

କନ୍ୟାକୁମାରୀରେ ସ୍ୱାମୀଜୀ ଭାରତବର୍ଷର ଶେଷ ଶିଳାଖଣ୍ଡ ଉପରେ ସମାବିଷ୍ଟ ହୋଇ ଅନୁଭବ କଲେ ଯେପରି ସେ ମାଆଙ୍କ ଚରଣପ୍ରାନ୍ତରେ ବସି ନିବେଦନ କରୁଛନ୍ତି, ଅନ୍ତରର ସବୁ ବ୍ୟଥା ଓ ଦୁଃଖକୁ। ସ୍ୱାମୀଜୀଙ୍କ ଚକ୍ଷୁ କ୍ରମଶଃ ହେଉଛି ମୁଦ୍ରିତ, ଧ୍ୟାନମଗ୍ନ। ଈଶ୍ୱର ସାକାର କିମ୍ବା ନିରାକାର ତତ୍ତ୍ୱ ଉପରେ ସେ ଆଜି ହେଉନାହାନ୍ତି ଧ୍ୟାନମଗ୍ନ। ତାଙ୍କର ଧ୍ୟାନର ବସ୍ତୁ ଥିଲା ଭାରତବର୍ଷ - ବହୁଧର୍ମର ଜନ୍ମସ୍ଥାନ- ମିଳନକ୍ଷେତ୍ର- ପୁଣ୍ୟତୀର୍ଥ- ଭାରତବର୍ଷ। ଭାରତର ଗୌରବମୟ ଅଧ୍ୟାତ୍ମ ମହିମାଜ୍ୱୋଳ ଅତୀତ; ଦୁଃଖ, ଦାରିଦ୍ର୍ୟମୟ, ହୀନବୀର୍ଯ୍ୟ, ହୃତଗୌରବ, ହୃତାଧ୍ୟାତ୍ମ ସମ୍ପଦର ବର୍ତ୍ତମାନ ଏବଂ ଆପାତ-ତିମିରାଚ୍ଛନ୍ନ ଅନିଶ୍ଚିତ ଭବିଷ୍ୟତ। ଭାରତବର୍ଷର ଏହି ସୁପ୍ତ ଓ ଲୁପ୍ତ ଗୌରବ କିପରି ପୁନର୍ବାର ସୁପ୍ରତିଷ୍ଠିତ ହେବ ? ଯଦି ସମ୍ଭବ ହୁଏ, ତେବେ କିପରି ? ତାଙ୍କର ଦିବ୍ୟଦର୍ଶନରେ ଭାରତବର୍ଷର ସମୁଜ୍ଜ୍ୱଳ ଅତୀତ ଓ ଭବିଷ୍ୟତ ଭାସିଉଠିଲା। ତା'ସହ ଉଦ୍‌ଭାସିତ ହେଲା ବର୍ତ୍ତମାନର ହତଶ୍ରୀ ଭାରତର କରୁଣ ରୂପ। ଧର୍ମକ୍ଷେତ୍ର ଭାରତବର୍ଷ ଦୁର୍ଭିକ୍ଷ, ମହାମାରୀ, ଦୈନ୍ୟ, ଦୁଃଖ, ରୋଗ ଓ ଶୋକରେ ଜର୍ଜରିତ। ଗୋଟିଏ ଦିଗରେ ପ୍ରବଳ ବିଳାସ-ମୋହରେ ଉନ୍ମତ୍ତ ଏବଂ କ୍ଷୀଣ ମଦ-ଗର୍ବିତ ଧନୀଗଣ ଦରିଦ୍ରମାନଙ୍କୁ ନିଷ୍ପେଷିତ କରି ବିଳାସ ବ୍ୟସନରେ ପରିତୃପ୍ତ; ଅପର ଦିଗରେ ଅନାହାରରେ ଜୀର୍ଣ୍ଣଶୀର୍ଣ୍ଣ ଛିନ୍ନବସନ, ଯୁଗଯୁଗାନ୍ତର ନିରାଶ ବ୍ୟତୀତ-ବଦନ ନରନାରୀ, ବାଳକ-ବାଳିକାଗଣ ହା-ଅନ୍ନ, ହା-ଅନ୍ନ ରାବରେ ଗଗନ ବିଦୀର୍ଣ୍ଣ କରୁଛନ୍ତି। ଉପଯୁକ୍ତ ଶିକ୍ଷା ଅଭାବରେ ନିମ୍ନଜାତିଗୁଡ଼ିକ ପୁରୋହିତ ସମ୍ପ୍ରଦାୟର ହୃଦୟହୀନ ନିଷ୍ଠୁର ବ୍ୟବହାର ଯୋଗୁ ସନାତନ ଧର୍ମ ପ୍ରତି ବୀତସ୍ପୃହ। କେବଳ ତାହା ନୁହେଁ, ସହସ୍ର ବ୍ୟକ୍ତି ହିନ୍ଦୁ ଧର୍ମକୁ ହିଁ ଅପରାଧୀ ମନେକରି ଅନ୍ୟଧର୍ମ ଗ୍ରହଣ କରିବାକୁ ଉଦ୍ୟତ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ସନାତନ ଧର୍ମରେ ଯଜ୍ଞ ପରମ୍ପରା

ସନାତନ ହିନ୍ଦୁଧର୍ମରେ ଯଜ୍ଞର ପରମ୍ପରା ବହୁ ପ୍ରାଚୀନ କାଳରୁ ଚାଲିଆସୁଛି। ମନୋସ୍କାମନା ପୂରଣ ପାଇଁ କିମ୍ବା କୌଣସି ଖରାପ ଘଟଣାକୁ ଟାଳିବା ଲାଗି ଯଜ୍ଞ କରାଯାଇଥିବାର ଅନେକ ପ୍ରସଙ୍ଗ ପୁରାଣରେ ବର୍ଣ୍ଣିତ। ରାମାୟଣ ଏବଂ ମହାଭାରତରେ ଅନେକ ମହାନ ରାଜାଙ୍କ ବିଷୟରେ ବର୍ଣ୍ଣନା ରହିଛି, ଯେଉଁମାନେ ମହାପ୍ରଭାବଶାଳୀ ଯଜ୍ଞ ସମ୍ପନ୍ନ କରାଇଥିଲେ। ଦେବଗଣଙ୍କୁ ପ୍ରସନ୍ନ କରିବା ଲାଗି ଯଜ୍ଞ କରାଯାଇଥାଏ। ତେବେ ଆସନ୍ତୁ ଜାଣିବା କେତୋଟି ପ୍ରମୁଖ ଯଜ୍ଞ ଏବଂ ତତ୍‌ସହିତ ଜଡ଼ିତ ବିଜ୍ଞାନ ଏବଂ କାରଣ ବିଷୟରେ।



ପୁତ୍ରେଷ୍ଟି ଯଜ୍ଞ : ଏହି ଯଜ୍ଞ ପୁତ୍ର ପ୍ରାପ୍ତି ନିମନ୍ତେ କରାଯାଇଥାଏ। ମହାରାଜ ଦଶରଥ ଏହି ଯଜ୍ଞ ସମ୍ପନ୍ନ କରାଇଥିଲେ। ଯାହାର ପରିଣାମ ସ୍ୱରୂପ ସେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସମେତ ୪ ପୁତ୍ରଙ୍କ ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଋଷି ଋଷ୍ୟଶୃଙ୍ଗ ଏହି ଯଜ୍ଞ ସମ୍ପନ୍ନ କରାଇଥିଲେ।

ଅଶ୍ୱମେଧ ଯଜ୍ଞ : ଚକ୍ରବର୍ତ୍ତୀ ସମ୍ରାଟ ହେବା ଲାଗି ଏହି ଯଜ୍ଞର ଆୟୋଜନ କରାଯାଇଥାଏ। ଏହି ଯଜ୍ଞ ଆୟୋଜନ କରୁଥିବା ରାଜା ନିଜର ଏକ ଅଶ୍ୱ ବା ଘୋଡାକୁ ଅନ୍ୟ ରାଜ୍ୟକୁ ପ୍ରେରଣ କରିଥାଏ। ଯଦି ଘୋଡା ସବୁ ରାଜ୍ୟ ବୁଲି ଫେରିଆସେ ତେବେ ସେ ସବୁ ରାଜ୍ୟର ରାଜାଙ୍କୁ ଘୋଡ଼ା ପଠାଇଥିବା ରାଜାଙ୍କ ଶରଣାଗତି ସ୍ୱୀକାର କରିବାକୁ ପଡ଼ିଥାଏ। ଯଦି କୌଣସି ରାଜା ଅଶ୍ୱମେଧ ଯଜ୍ଞର ଘୋଡ଼ାକୁ ଅଟକାଇ ଦିଅନ୍ତି ତେବେ ଘୋଡ଼ା ପଠାଇଥିବା ରାଜାଙ୍କ ସହ ତାଙ୍କର ଯୁଦ୍ଧ ହୋଇଥାଏ। ଏଥିରେ ବିଜୟୀ ହେଲେ ଅଶ୍ୱମେଧ ଯଜ୍ଞ କରୁଥିବା ରାଜା ସମ୍ରାଟ ଘୋଷିତ ହୋଇଥାନ୍ତି। ଶହେଥର ଅଶ୍ୱମେଧ ଯଜ୍ଞ କରୁଥିବା ରାଜା ଇନ୍ଦ୍ରପଦ ପ୍ରାପ୍ତ କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ରହିଛି।

ରାଜସୂୟ ଯଜ୍ଞ : ନିଜର କିର୍ତ୍ତୀ ଏବଂ ରାଜ୍ୟର ସୀମା ବିସ୍ତାର କରିବା ଲାଗି ରାଜାଙ୍କ ଦ୍ୱାରା ଏହି ଯଜ୍ଞ କରାଯାଇଥାଏ। ଏହି ଯଜ୍ଞ ପରମ୍ପରା ଅଧୀନରେ ଜଣେ ରାଜା ନିଜେ କିମ୍ବା ନିଜର ଅନୁଗାମୀ ମାନଙ୍କୁ ଅନ୍ୟ ରାଜ୍ୟରୁ ଧନ ଆଦି ସଂଗ୍ରହ କରିବା ନିମନ୍ତେ ପଠାଇଥାଏ। ସହଜରେ ବା ମିତ୍ରତାପୂର୍ଣ୍ଣ ଭାବରେ ଧନ ପ୍ରଦାନ କଲେ ଉତ୍ତମ, ନଚେତ୍ ଧନ କିମ୍ବା ଉପହାର ଦେଉନଥିବା ରାଜାଙ୍କ ଉପରେ ଆକ୍ରମଣ କରି ରାଜସୂୟ ଯଜ୍ଞ କରୁଥିବା ରାଜା ବଳପୂର୍ବକ ସମ୍ପତ୍ତି ଅସୁଲ କରିଥାଏ।

ବିଶ୍ୱଜିତ୍ ଯଜ୍ଞ : ବିଶ୍ୱ ବିଜୟ ଉଦ୍ଦେଶ୍ୟ ନେଇ ବିଶ୍ୱଜିତ୍ ଯଜ୍ଞ କରାଯାଇଥାଏ। ଏହା ସମସ୍ତ କାମନା ପୂରଣ କରିଥାଏ। ଶ୍ରୀରାମଙ୍କ ପୂର୍ବଜ ମହାରାଜ ରଘୁ ଏହି ଯଜ୍ଞ ଆୟୋଜନ କରିଥିଲେ। ବେଦ ଏବଂ ଅନ୍ୟ ଧର୍ମ ଶାସ୍ତ୍ରରେ ଯଜ୍ଞର ମହିମା ବର୍ଣ୍ଣିତ। ଯଜ୍ଞ ଦ୍ୱାରା ଭଗବାନ ପ୍ରସନ୍ନ ହୋଇଥାନ୍ତି। ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ମନୁଷ୍ୟ ସହିତ ଯଜ୍ଞର ରଚନା କରିଥିଲେ ଏବଂ ମନୁଷ୍ୟକୁ କହିଥିଲେ, ଯଜ୍ଞ ଦ୍ୱାରା ତୁମର ପ୍ରତ୍ୟେକ ଇଚ୍ଛା ଏବଂ ଆବଶ୍ୟକତା ପୂରଣ କରିବ। ତୁମେ ଯଜ୍ଞ ଦ୍ୱାରା ଦେବଗଣଙ୍କୁ ଖୁସି କର, ସେମାନେ ତୁମର ଉନ୍ନତି କରିବେ। ଶାସ୍ତ୍ର କୁହେ, ଯଜ୍ଞ ମାଧ୍ୟମରେ ସମସ୍ତ ମନୋସ୍କାମନା ପୂରଣ ହୋଇପାରେ। ଧନପ୍ରାପ୍ତି, କର୍ମର ପ୍ରାୟଶ୍ଚିତ, ଅନିଷ୍ଟ ରୋକିବା, ଦୁର୍ଭାଗ୍ୟକୁ ସୌଭାଗ୍ୟରେ ବଦଳାଇବା, ରୋଗ ନିବାରଣ ନିମନ୍ତେ ଯଜ୍ଞର ବିଧାନ ହୋଇଛି। ଦେବତାଙ୍କୁ ପ୍ରସନ୍ନ କରିବା ସହ ଇଚ୍ଛାନୁଯାୟୀ ବର ଲାଭ କରିବା ଲାଗି ମଧ୍ୟ ଯଜ୍ଞ କରାଯାଏ। ଗାୟତ୍ରୀ ଉପାସନାରେ ମଧ୍ୟର ଯଜ୍ଞର ଆବଶ୍ୟକତା ରହିଛି। ଗାୟତ୍ରୀଙ୍କୁ ମାତା ଏବଂ ଯଜ୍ଞଙ୍କୁ ପିତା ବୋଲି କୁହାଯାଇଛି। ଏହାଙ୍କ ସଂଯୋଗ ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଜନ୍ମ ହୋଇଥାଏ।

**ଅଲେଖ ଚନ୍ଦ୍ର ସାମଲ**
**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
E-mail : alekha007samal@gmail.com

# ଓଡ଼ିଆ ଅସ୍ମିତାର ନବଦିଗନ୍ତ

■ ଜୟନ୍ତ ପଟ୍ଟନାୟକ

**ସ୍ମିତା ଏକ ଝିଅର ନାମ, ବିସ୍ମିତା ମଧ ଏକ ଝିଅର ନାମ। କିନ୍ତୁ ଅସ୍ମିତା ବୋଇଲେ ଜଣକର ଅସ୍ତିତ୍ୱ, ଅହଙ୍କାର, ଆତ୍ମାଭିମାନ ଓ ଆତ୍ମସମ୍ମାନକୁ ବୁଝାଏ ବୋଲି ମୋର କ୍ଷୁଦ୍ରବୁଦ୍ଧିର ମତ। ପୂର୍ବରୁ ଅସ୍ମିତାର ଅର୍ଥ ଅହଙ୍କାର ବୋଲି ଏକ ନକାରାତ୍ମକ ଚିନ୍ତାଧାରା ଥିଲା। ମାତ୍ର ପରେ ତାକୁ, ଅସ୍ମିତାକୁ ଅସ୍ତିତ୍ୱ ଓ ଆତ୍ମାଭିମାନ ସହିତ ଯୋଡି ଦିଆଗଲା। ଏହା ଜଣକର ବା ଏକ ଗୋଷ୍ଠୀର ଭାଷା, ଭାବ, ଚଳଣୀ, ପରମ୍ପରା, ବେଶ ପୋଷାକ, ସଂସ୍କୃତି, ଖାଦ୍ୟପେୟ ଓ ଐତିହ୍ୟକୁ ବୁଝାଏ। ଏହା ଏକ ବ୍ୟକ୍ତିର, ଏକ ଜାତିର, ଏକ ଅଞ୍ଚଳର, ଏକ ରାଜ୍ୟର, ଏକ ଦେଶର ବା ସମଗ୍ର ବିଶ୍ୱର ମଧ ଅସ୍ମିତାକୁ ବୁଝାଏ, ପରିବେଶ ଓ ପରିସ୍ଥିତିକୁ ନେଇ।**



‘ସଂସ୍କୃତରେ ଅସ୍ମିତା’ର ଅର୍ଥ ‘ମୁଁ ଅଛି’ ବା ବ୍ୟକ୍ତିର ଅସ୍ତିତ୍ୱକୁ ବୁଝାଏ। ପ୍ରଫେସର ଗଗନେନ୍ଦ୍ରନାଥ ଦାସ ଅସ୍ମିତାକୁ ଆତ୍ମ ପରିଚିତି ସହିତ ଯୋଡ଼ିଛନ୍ତି। ପ୍ରାବନ୍ଧିକ ହରପ୍ରସାଦ ଦାସଙ୍କ ଭାଷାରେ ପ୍ରଥମେ ଅସ୍ତିତ୍ୱ, ତା’ପରେ ଅସ୍ମିତା ଓ ଶେଷରେ ପରିଚୟ ବା ପରିଚିତି। ଅସ୍ତିତ୍ୱ, ଅସ୍ମିତା ଓ ପରିଚୟ ତିନିହେଁ ପରସ୍ପର ପରିପୂରକ ବା ନିର୍ଭରଶୀଳ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ମତରେ ଏକ ଅଞ୍ଚଳ ବା ଏକସ୍ଥାନରେ ଯେଉଁମାନେ ଜନ୍ମଗ୍ରହଣ କରିଥାନ୍ତି ସେମାନଙ୍କ ମଧରେ ମାୟା, ମମତ୍ୱ ଜନ୍ମେ, ସୌହାର୍ଦ୍ଦ୍ୟ ବଢେ। ପୃଥିବୀରେ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ। ତେଣୁ ଆମ ରାଜ୍ୟ ‘ଉଡ୍ର’ ଦେଶର ନାମାନୁଯାୟୀ ଏହି ଭୂଖଣ୍ଡର ଲୋକମାନଙ୍କର ଜାତି ହେଲା ‘ଓଡ଼ିଆ’। ଆମରାଜ୍ୟ ଓଡ଼ିଶାର ଅସ୍ମିତାକୁ ନେଇ ଯେପରି ଆମେ ଓଡ଼ିଆମାନେ ଗର୍ବ, ଅହଙ୍କାର କରୁ, କହୁ ବା ଗୀତ ବୋଲୁ, ‘ଉତ୍କଳସ୍ୟ ସମଦେଶୋ, ଦେଶନାସ୍ତି ମହୀତଳେ।’ ଠିକ୍ ସେମିତି ଅନ୍ୟମାନେ, ଅର୍ଥାତ୍ ଅନ୍ୟରାଜ୍ୟର ଅଧିବାସୀ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ଆନ୍ଧ୍ର, ଆସାମ, ମହାରାଷ୍ଟ୍ର, ପଞ୍ଜାବ ଇତ୍ୟାଦିର ଅଧିବାସୀମାନେ ମଧ ତାଙ୍କ ଅସ୍ମିତାକୁ ନେଇ ଗର୍ବ ଅନୁଭବ କରନ୍ତି। ତେଣୁ ଆମେ ଆମ ଅସ୍ମିତାକୁ ନେଇ ଗର୍ବ କରିବା ସହିତ ଅନ୍ୟର ଅସ୍ମିତାକୁ ମଧ ଉପଯୁକ୍ତ ସମ୍ମାନଦେବା ଦରକାର। ତା’ହେଲେ ଯାଇ ସର୍ବଭାରତୀୟ ଅସ୍ମିତା ଓ ଠିକ୍ ସେହିପରି ବୈଶ୍ୱିକ ଅସ୍ମିତା ସୃଷ୍ଟିହୋଇ ପାରିବ, ତେବେଯାଇ ଆନ୍ତର୍ଜାତିକ ଶାନ୍ତି ଓ ସଦଭାବ ସମ୍ଭବ ହେବ। ୨୦୨୪ର ଭାରତୀୟ ସାଧାରଣ ନିର୍ବାଚନରେ, ଖାସକରି ଆମ ରାଜ୍ୟର ନିର୍ବାଚନରେ ‘ଅସ୍ମିତା’ ଶବ୍ଦଟି ଏକ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ଓଡ଼ିଆ ଅସ୍ମିତାକୁ ନେଇ ବହୁତ ହୋହଲ୍ଲା ହୋଇଥିଲା ଯାହା ଏକ ସୁଦୀର୍ଘ ୨୪ ବର୍ଷର ସରକାରକୁ ଓଲଟାଇ ଦେଇଥିଲା। ‘ଅସ୍ମିତା’ ତା’ର କରିସ୍ମା



ଦେଖାଇ ସମଗ୍ର ଦେଶକୁ ବିସ୍ମିତ କରିଦେଇଥିଲା। ନିକଟରେ ଜଣେ ରାଜନେତା କହିଛନ୍ତି, ଅସ୍ମିତା ତା’ର କରିସ୍ମା ଦେଖାଇ ପାରିଲା ସିନା କିନ୍ତୁ ଅସ୍ମିତାର ପ୍ରକୃତ ବିଜୟ ହୋଇପାରିନାହିଁ ଅଦ୍ୟାବଧି। ଏକଥା ଅନେକ ପରିମାଣରେ ସତ, କାରଣ ଆଜିକାର ଓଡ଼ିଶାରେ ଅଧିକାଂଶଙ୍କୁ ‘ଅସ୍ମିତା’ର ଅର୍ଥ ମାଲୁମ ନାହିଁ, ଆପଣମାନେ ଏକ ଟିଭି କାର୍ଯ୍ୟକ୍ରମରେ ଦେଖିଥିବେ ଆଙ୍କର, ବିଦ୍ୟାର୍ଥୀ, ଚାକିରିଆ, ଶିକ୍ଷକ, ବ୍ୟବସାୟୀ, ରାଜନେତା, ସାଧାରଣ ଲୋକ ଯାହାକୁ ପଚାରିଲେ ମଧ ଅସ୍ମିତାର ଅର୍ଥ କହିବାକୁ ସମସ୍ତେ ପଛଘୁଞ୍ଚା ଦେଲେ। କିଛିଛାତ୍ର ଏପରିକି ଶିକ୍ଷକ, ନିର୍ବାଚନରେ ଅସ୍ମିତା ଅସ୍ମିତା ଘୋଷି ହେଉଥିବା ରାଜନେତା, ମନ୍ତ୍ରୀମାନେ ମଧ ଅର୍ଥ କହିବାକୁ ଦ୍ୱିଧା ପ୍ରକାଶକଲେ, ଅନେକ ତ ହସି ହସି ପ୍ରଶ୍ନକୁ ଟାଳିବାକୁ ପ୍ରଚଣ୍ଡ ଚେଷ୍ଟା କଲେ। ତା’ର କାରଣ ଆମେ କେବେ ଆମ ଐତିହ୍ୟ, ପରମ୍ପରା, ଚଳଣି, ଭାଷା, ଖାଦ୍ୟପେୟ, ସଂସ୍କୃତି ଇତ୍ୟାଦିକୁ ନେଇ ଗର୍ବ ଅନୁଭବ କରିବା, ଅହଙ୍କାର ଦେଖାଇବା ଶିଖିଲେନି ବା ଶିଖିବାକୁ ଇଛା ପ୍ରକାଶ କଲେନାହିଁ। କାରଣ ଆମେ ସବୁବେଳେ ପରମୁଖାପେକ୍ଷୀ ହୋଇ ରହିଗଲେ ବା ସର୍ବଦା ଅନ୍ୟକୁ ଆଶାବାଡି କରି ଜୀଇବା ଶିଖିଲେ, ଆତ୍ମନିର୍ଭରଶୀଳ ହୋଇ ପାରିଲେନାହିଁ। ଯାହାର ପ୍ରମାଣ, ସ୍ୱାଧୀନତାର ଦୀର୍ଘ ୭୮ବର୍ଷପରେ ମଧ ଆମ ଦୈନନ୍ଦିନ ପନିପରିବା, ମାଛ, ମାଂସ, ଅଣ୍ଡା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛେ, ତାଙ୍କ ରାଜ୍ୟରେ ଗାଡି ବନ୍ଦ ତ ଆମର ଏଠାରେ ହାଣ୍ଡିଶାଳରେ ହରତାଳ। ଏସବୁର କିଛି ଉଦାହରଣ ନିମ୍ନରେ ଦିଆଗଲା।

ଆମ ରାଜ୍ୟ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟଭାବେ ସ୍ୱତନ୍ତ୍ର ପ୍ରଦେଶ ହେଲା ୧୯୩୬ରେ, ଦେଶରେ ପ୍ରଥମ, ଆମ ଭାଷା ଅତି ମଧୁର ସାବଲୀଳ ବୋଲି ଅନେକ ଭାଷାବିତ୍ ମତ ଦିଅନ୍ତି, ଯାହା ଦେଶର ଷଷ୍ଠ





ଭାଷାଭାବେ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ହେଲା ୨୦୧୪ ମାର୍ଚ୍ଚ ୧୧ରେ। ସେଇ ସ୍ୱତନ୍ତ୍ରପ୍ରଦେଶ ହେବାପରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ଓଡିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବା ନିମନ୍ତେ ପ୍ରୟାସ ହୋଇଥିଲା। ଦୀର୍ଘବର୍ଷ ପରେ ସ୍ୱର୍ଗୀୟ ଜାନକୀବଲ୍ଲଭ

ପଟ୍ଟନାୟକଙ୍କ ଅମଳରେ କିଛିବର୍ଷ ଓଡ଼ିଆ ସରକାରୀ ଭାଷା ହୋଇଥିଲା,ସରକାରୀ କାମ କିଛି କିଛି ଓଡ଼ିଆରେ ହେଉଥିଲା, ଓଡ଼ିଆ ଟାଇପ ଟ୍ରେନିଂ ନିମନ୍ତେ କିଛିବ୍ୟକ୍ତି ଚୟନ ହୋଇଥିଲେ। ପରବର୍ତ୍ତୀ ସମୟରେ କମ୍ପ୍ୟୁଟରର ପ୍ରବର୍ତ୍ତନପରେ ଓଡ଼ିଆ ସଫ୍ଟୱେର ପ୍ରସ୍ତୁତ ହୋଇ ଫିଡିଂ କରାଯାଇଥିଲା ସମ୍ପୃକ୍ତ କମ୍ପ୍ୟୁଟରଗୁଡିକରେ। କିନ୍ତୁ କିଛି ବର୍ଷପରେ ସରକାର ବଦଳି ଯିବାପରେ ପୁଣି ଓଡ଼ିଆ ଭାଷା ସେମିତି ପଡ଼ିରହିଲା କୋଣଠେସା ହୋଇ, ଇଂରାଜୀ ଭାଷା ଅଘୋଷିତଭାବେ ରାଜଭାଷାର ରାଜତ୍ୱ ଜାରି ରଖିଲା। ଏବାବଦରେ ଅନେକ ବାଦପ୍ରତିବାଦ ବିକ୍ଷୋଭ, ହରତାଳ, ପ୍ରତ୍ୟହ ରାଜଧାନୀର ରବୀନ୍ଦ୍ର ମଣ୍ଡପରୁ ରାଜଭବନ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତୀ ପର୍ଯ୍ୟନ୍ତ ସିଲଟ ଶୋଭାଯାତ୍ରା ପରେ ୨୦୧୬ରୁ ଓଡ଼ିଆ ରାଜଭାଷାର ମାନ୍ୟତା ପୁନଃ ପ୍ରତ୍ୟାବର୍ତ୍ତନ କଲା, କିନ୍ତୁ ତା ମଧ ଧର୍ମକୁ ଆଖି ଠାର ଭଳି କାଗଜପତ୍ରରେ। କାରଣ ସେତେବେଳେ ମୁଁ ପ୍ରତ୍ୟକ୍ଷଦର୍ଶୀ, ଅତିବେଶୀରେ ୫-୧୦% ଚିଠି ଓଡ଼ିଆ ଭାଷାରେ ରାଜ୍ୟସାରାରେ ହେଉଥିଲା ଅତି କଷ୍ଟରେ, ମୁଁ ଅନେକ ଚିଠି କରାଇଛି ଆମ ଭାଷାରେ, ଅନେକ ଉଚ୍ଚପଦସ୍ଥ ଅଧିକାରୀ ବିତସ୍ପୃହ ସେ ଦିଗରେ। ସେମାନେ ସବୁ ଓଡିଶାରେ ଜନ୍ମ ହୋଇଥିଲେ ସୁଦ୍ଧା ଶିକ୍ଷାଦୀକ୍ଷା, ଆଦବକାଇଦା ବିଦେଶରୁ ଆମଦାନୀ କରିଥିଲେ ଯେମିତି ! ସେମାନଙ୍କର ଦିଲ୍ ହେ ହିନ୍ଦୁସ୍ଥାନୀ ନ ହୋଇ 'ଇଂଲିଶସ୍ଥାନୀ' ହୋଇଥାଏ। ତା'ପରେ ଅବସରପ୍ରାପ୍ତି ପରେ ଥରେ କାର୍ଯ୍ୟାଳୟକୁ ଯାଇଥିଲି, କମ୍ପ୍ୟୁଟରରେ ସେ ଓଡ଼ିଆ ସଫ୍ଟୱେର ସୁଦ୍ଧା ନଥିଲା। ଏବେ ଡବଲ ଇଞ୍ଜିନର 'ଅସ୍ମିତା' ସରକାରରେ ପୁଣି କାଳିଆ ଲେଉଟିଲା ଭଳି ଓଡ଼ିଆ ଭାଷା ପୁଣି ରାଜଭାଷାଭାବେ କାର୍ଯ୍ୟକାରୀ ହେଉଥିବାର ଶୁଣାଯାଏ। ତାହେଲେ ପୁଣି,'ଦଳେଇ ଆଇଲେ ମୂଳରୁ ଗା'।' ନ୍ୟାୟରେ ପୁଣିଥରେ ଓଡ଼ିଆ ସଫ୍ଟୱେର ଲୋଡ ହେବ କମ୍ପ୍ୟୁଟରଗୁଡିକରେ। ଅବଶ୍ୟ ଏଇଟା ମଧ ଏକପ୍ରକାର ଭଲ କେତେକଙ୍କ ପାଇଁ, ମା' ଲକ୍ଷ୍ମୀ ବିଜେକରିବେ କେତେକଙ୍କ ପକେଟକୁ। କାଢିଥିଲେ ପୁଣି ଲଗେଇଲେ ନାଁ ! ଅନେକ ଓଡ଼ିଆଙ୍କୁ ମାତୃଭାଷାଟା କେମିତି ଗୋଟେ ମଫ ମଫ, ରହଣିଆ ଗନ୍ଧାଏ। ହେଇ ଲକ୍ଷ୍ୟ କରିଥିବେ, ଯୋଉଦିନ ଲିଙ୍ଗରାଜ ମନ୍ଦିରକୁ ଅଧିକ ବଙ୍ଗାଳୀ ଯାତ୍ରୀ ଆସିଯାଇଥିବେ ସେଦିନ ପଣ୍ଡାମାନଙ୍କ ପାଟିରୁ ଆଉ ଓଡ଼ିଆ ବାହାରେନା,'ଓ ଦାଦା ଆମି ଏଖାନ, ଆସବେନା ଆସବେନା' ହେଉଥିବେ। ବଙ୍ଗାଳୀ, ତେଲୁଗୁ, ତାମିଲଙ୍କଠୁ କସ୍ମିନକାଳେ ଏପ୍ରକାର ବ୍ୟବହାର ସ୍ୱପ୍ନରେ ସୁଦ୍ଧା ଆଶା କରିବେନି। ମାତ୍ର ସେମାନେ, ଅଣଓଡିଆ ଯଦି ଆସିଥିବେ ଆମେ ଖଣ୍ଡି ହିନ୍ଦି ହେଉ ବା ଇଂଲିଶ ହେଉ ମିଶାଇ ତାଙ୍କୁ ବୁଝାଇବାକୁ ଭରପୁର ଚେଷ୍ଟାକରୁ, ସତେ ଯେମିତି ନହେଲେ ଆକାଶଟା ଛିଣ୍ଡି ପଡିବ ! ଆଉ ଯଦି ତାଙ୍କ ଭାଷା ଆସୁଛି ଆହୁରି ଭଲ,ଏହା ଆମର ହୀନମନ୍ୟତା ନୁହେଁ ତ ! ଆମେ ତ କିଛି ପଇସା ପାଇଁ ତାଙ୍କ ପଛରେ ଗୋଡାଉଥିବା, ସିଏ ଆମକୁ କାହିଁକି ଖାତିର କରିବାକୁ ଯିବେ ? ଥରେ ହାଇଦ୍ରାବାଦରେ ଏକ ବସରେ ଜଣେ ସରକାରୀ ଜେ.ଇ.ବା କନିଷ୍ଠ ଯନ୍ତ୍ରୀଙ୍କୁ ଦେଖିଥିଲି, ମାଟ୍ରିକ କିମ୍ବା +୨ ପରେ ତ ଜେଇ ପାଠ ପଢିଥିବେ, କିନ୍ତୁ ତାଙ୍କୁ ତେଲୁଗୁ ଛଡ଼ା କିଛି ଆସେନା, ଇଂଲିଶ ମଧ,ଏଥିରୁ ଅନୁମାନ କରନ୍ତୁ, ତାଙ୍କ ଭାଷାକୁ ସେମାନେ କେତେ ଗୁରୁତ୍ୱ ଦିଅନ୍ତି। ସେମିତି ଚେନ୍ନାଇରେ ସେମାନେ ଜାଣିଥିଲେ ମଧ ଇଂଲିଶ ସୁଦ୍ଧା କହିଲେ ନାହିଁ, ହିନ୍ଦି କଥା ଛାଡ଼ି ଦିଅନ୍ତୁ। ଆମର ଯେମିତି ମା'ବାପା କେହି ନାହାନ୍ତି, ଅନାଥ, ତାଙ୍କ ଭାଷା ନକହିଲେ ଆମଖାଦ୍ୟ ହଜମ ହେବନି, ଅବଶ୍ୟ ପୈସା କ୍ୟା ନକରେ କାମ ! ଏହାର ଏକ ପ୍ରକୃଷ୍ଟ ଉଦାହରଣ ଦେଇ ଯାଇଛନ୍ତି ଏ ଜାତିର ସେନାପତି ଫକୀରମୋହନ, କାଳଜୟୀ,'ଡାକମୁନିସୀ' ଗଳ୍ପରେ। ଏବେ ତ ପରିସ୍ଥିତି ଏମିତି ହେଲାଣି, ଆଜିକାର ମମ୍ ଡାଡ୍(ବୋପା ମା' ଆଉ ନାହାନ୍ତି)ଉପାସ ରହିବୁ ସିନା ପିଲାକୁ ଇଂରାଜୀ ସ୍କୁଲରେ ପଢାଇବୁ, ପଛରେ ବରଂ ଇଂରାଜୀ ଘୁସିରେ କାମ ଚଳାଇନେବୁ, ଏଇ ମନୋଭାବର ! ଇଂରାଜୀ ପଢା ପିଲାମାନଙ୍କ ଘରେ ଇଂଲିଶରେ କଥାବାର୍ତ୍ତା ହୁଏ, ମମ୍ ଡାଡ୍ ନବୁଝନ୍ତୁ, ସେମାନେ ମରହଟ୍ଟିଆ ! ଖାଇବା ପିଇବା ସବୁ ଇଂଲିଶ କାଇଦାରେ, ଜନ୍ମଦିନ, ବାର୍ଷିକୀ ଇତ୍ୟାଦିରେ ଆଜିକାଲି ମହମବତୀ ଲିଭାଇ କେକ୍ କାଟିବାଟା ବଡ଼ ଫେସନ ହୋଇଛି, ନଚେତ୍ ତୁମେ ବୁଢ଼ା, ମଫ, ମରହଟ୍ଟିଆ ! ଏସବୁ ସତ୍ତ୍ୱେ ଆମ ଅସ୍ମିତାକୁ ନେଇ ଆମର ଗର୍ବ କରିବାର ଏତେ କାରଣ ଅଛି ଯେ ତାହା ଜାଣିଲେ ଅନ୍ୟମାନେ ଇର୍ଷା କରିପାରନ୍ତି। ଆମ ଦୁର୍ଦ୍ଧଷ ସାଧବପୁଅର ବୋଇତ ସାହାଯ୍ୟରେ ସୁଦୂର ଚୀନ ଓ ପଶ୍ଚିମରେ ଆରବ, ୟୁରୋପ ସହିତ ନୌବାଣିଜ୍ୟ,ଦୁର୍ଦ୍ଧଷ ପାଇକମାନଙ୍କ ଦ୍ୱାରା ଦେଶର ପ୍ରଥମ ପାଇକ ବିଦ୍ରୋହ(୧୯୧୭), ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ବିରଚିତ ଭାଗବତ, ବଳରାମ ଦାସ କୃତ ଲକ୍ଷ୍ମୀପୁରାଣ, ଲକ୍ଷ ଲକ୍ଷ ସଂଖ୍ୟାରେ ମ୍ୟୁଜିୟମରେ ଗଚ୍ଛିତ ଥିବା ଆମ ତାଳପତ୍ର ପୋଥି ଯାହା ଆମ ଗୌରବ ଓ ଗର୍ବର ପ୍ରତୀକ। ଏହିସବୁ ପୋଥିକୁ ନେଇ ବିଦେଶର ବିଶ୍ୱବିଦ୍ୟାଳୟଗୁଡିକରେ ଗବେଷଣା ଚାଲୁ ରହିଛି, ଏଥିରୁ ନିଃସୃତ ଗୁଢ ତତ୍ତ୍ୱଗୁଡିକୁ ନେଇ ପାଶ୍ଚାତ୍ୟ ଦେଶମାନେ ପ୍ରଶଂସାରେ ଶତମୁଖ। ଉଲ୍ଲେଖଯୋଗ୍ୟ ତାଳପତ୍ର ପୋଥିଗୁଡିକର ରଚନା-ଜୀବନ ୪୦୦ବର୍ଷ ହୋଇଥିବାବେଳେ କେବଳ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କାଗଜ ବହିଗୁଡ଼ିକର ଜୀବନ ୨୦୦ ବର୍ଷ ମାତ୍ର। ତତ୍କାଳୀନ ସମୟରେ ଗୁଜୁରାଟର ଲୋକ, କାଗଜ ଲେଖାକୁ ତାଳପତ୍ରରେ ବଦଳାଇବାକୁ ପୁରୀ ହରିଦାସପୁର ଆସୁଥିବାର ପ୍ରମାଣ ରହିଛି। ଆମର କୁଳଦେବତା ଶ୍ରୀମନ୍ଦିରରେ ଅଧିଷ୍ଠିତ ଶ୍ରୀଜଗନ୍ନାଥ, ଚତୁର୍ଦ୍ଧାମୂର୍ତ୍ତି, କିନ୍ତୁ ଏ ରାଜ୍ୟର ମୁଖ୍ୟ ଗଜପତି ମହାରାଜା ନିଜକୁ ଶ୍ରୀଜୀଉମାନଙ୍କର ରାଉତ ବା ସେବକ ଘୋଷଣା କରିବା ଆଉ କୋଉ ଜାତିର ସଂସ୍କୃତିରେ ଅଛି ? ସେତିକି





ନୁହେଁ ଶ୍ରୀମନ୍ଦିର ପ୍ରତିଷ୍ଠା କରିସାରି ରାଜା ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚା ତାଙ୍କ ବଂଶକୁ ନିର୍ବଂଶ କରିଦେବାକୁ ମାଗୁଣି କରିବା ଆଉ କୋଉ ଜାତିର ଇତିହାସରେ ଅଛି କି ? ଆମ ଖାଦ୍ୟପେୟ, ପୋଷାକ, ଚାଲିଚଳଣି, ବେଶଭୂଷା, ପର୍ବପର୍ବାଣୀ ସବୁଥିରେ ସ୍ୱାତନ୍ତ୍ର୍ୟ ବାରି ହୋଇପଡେ। ଆମ ଲୋକକଳା, ଲୋକନୃତ୍ୟ, ଆଦିବାସୀ ପରମ୍ପରା, ଛାନ୍ଦ, ନୃତ୍ୟ, ବାଦ୍ୟ ଆମ ମହିମା ଧର୍ମ, ଆମ ମନ୍ଦିର ନିର୍ମାଣ ଶୈଳୀ ପରି ଅନନ୍ୟ ଚିନ୍ତାଧାରା, ପଟ୍ଟଚିତ୍ର, ଭକ୍ତି ପରମ୍ପରା ସବୁ ସାରାବିଶ୍ୱରେ ମଧ ଅଦ୍ୱିତୀୟ କହିଲେ ଅତ୍ୟୁକ୍ତି ହେବନାହିଁ। କଳିଙ୍ଗ ସାଧବ ପୁଅର ସାଗର ପଟୁତା, ଉତ୍କଳୀୟ ମନ୍ଦିର ଶିଳ୍ପୀର କଳାଚାତୁର୍ଯ୍ୟତା ଓ ଓଡ଼ିଆ ପାଇକର ଦୁର୍ଦ୍ଦମନୀୟତା ଏସବୁ ଅଭୂତପୂର୍ବ, ଅଶ୍ରୁତପୂର୍ବ ଓ ଅବିସ୍ମରଣୀୟ। ଅସ୍ମିତାକୁ ନଜାଣିବାର କାରଣ, ଆମେ ଓଡ଼ିଆ ଜାତି ବହୁବର୍ଷ ପର ଅଧିନରେ ପରାଧୀନ ହୋଇ ରହିଗଲେ। ସମ୍ରାଟ ଖାରବେଳଙ୍କ ସମୟର ଦୁର୍ଦ୍ଧଷ ଓଡ଼ିଆ କାହିଁ ପଛରେ ରହିଗଲା। ଗଜପତି କପିଳେନ୍ଦ୍ର ପୁରୁଷୋତ୍ତମ ଦେବଙ୍କ ସମୟରେ ଗଙ୍ଗାଗୋଦାବରୀ ବ୍ୟାପୃତ ଉତ୍କଳ ରାଜ୍ୟ, ଶେଷ ହିନ୍ଦୁରାଜା ମୁକୁନ୍ଦ ଦେବଙ୍କ ପରେ କୌଣସି ଶାସକଙ୍କ ମଧରେ ଏକତା ରହିଲାନାହିଁ, ସମସ୍ତେ ଛୋଟ ଛୋଟ ଅଞ୍ଚଳରେ ବିଭାଜିତ ହୋଇ ଶାସନକଲେ ଏହାର ଫାଇଦା ନେଇ ପ୍ରଥମେ ମରହଟ୍ଟା ଓ ପରେ ମୋଗଲମାନେ ଓଡ଼ିଶାକୁ ଦଖଲ କରିଗଲେ, ଯିଏ ଯାହା ଶାସନରେ ମନମାନି କଲେ। ଜନସାଧାରଣଙ୍କର ମଙ୍ଗଳ ଦେଖିବା ଅପେକ୍ଷା ସମସ୍ତେ ବେଶୀରୁ ବେଶୀ ରାଜସ୍ୱ ଆଦାୟରେ ବ୍ୟସ୍ତ ରହିଲେ। ତା'ପରେ ଆସିଲେ ଇଂରେଜମାନେ ୧୮୦୩ରୁ୧୯୪୭ପର୍ଯ୍ୟନ୍ତ। ସେଇ ଇଂରେଜମାନଙ୍କ ସମୟରେ ଶାସନଗତ ସୁବିଧା ଦୃଷ୍ଟିରୁ ଓଡ଼ିଶାକୁ ତିନିଭାଗରେ ବିଭକ୍ତ କରିଦେଲେ। ପୂର୍ବପଟର ଅଞ୍ଚଳ ବାଲେଶ୍ୱର ମୟୁରଭଞ୍ଜ ଇତ୍ୟାଦି ରହିଲା ବଙ୍ଗଳା ସାଙ୍ଗରେ, ବେଙ୍ଗଲ ପ୍ରୋଭିନ୍ସ ନାଁରେ, ଉତ୍ତର ଦିଗର ସୁନ୍ଦରଗଡ, ନୂଆପଡ଼ା ପ୍ରଭୃତି ରହିଲା ବିହାର ଅଧୀନରେ, ବିହାର ପ୍ରୋଭିନ୍ସ ଭାବରେ, ଦକ୍ଷିଣପଟର ଗଞ୍ଜାମରୁ କୋରାପୁଟ ପର୍ଯ୍ୟନ୍ତ ଅଞ୍ଚଳ ରହିଲା ମାଡ୍ରାସ ପ୍ରୋଭିନ୍ସଅଧୀନରେ। ଏହିପରି ଭାବେ ଓଡିଆଙ୍କୁ ବିଭକ୍ତ କରିଦିଆଗଲା, ଖଣ୍ଡବିଖଣ୍ଡିତ କରି ରଖାଗଲା। ଦୀର୍ଘଦିନ ଏଇ ଅବସ୍ଥାରେ ରହିବାପରେ ତାଙ୍କ ଭିତରେ ଛାଏଁ ବନ୍ଧନ ତୁଟିଗଲା, ସୌହାର୍ଦ୍ଦ୍ୟ, ପ୍ରୀତି ଶୀଥିଳ ହୋଇଗଲା। ଯିଏ ଯୋଉଠି ସେଇ ଶାସନର ଛାପ ତା'ଠାରେ ବାରିହୋଇ ପଡ଼ିଲା, ଆଉ ନିଜର, ଓଡ଼ିଆର ସଂସ୍କୃତି, ଐତିହ୍ୟ, ଚଳଣି, ପରମ୍ପରାର ଚିହ୍ନ ଆସିବ କୁଆଡୁ ? ସେଥିରେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ବିଲୋପ କରିବାପାଇଁ ନୂଆ ନୂଆ କିରାଣୀ/ଜମିଦାର ବନିଥିବା କିଛି ବଙ୍ଗାଳୀଙ୍କ ଚକ୍ରାନ୍ତ ଆରମ୍ଭ ହେଲା। 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ' ନାମକ ଏକ ଆନ୍ଦୋଳନ ଆରମ୍ଭ କଲେ କିଛି ଚକ୍ରାନ୍ତକାରୀ ବଙ୍ଗାଳୀ। ୧୮୬୯ରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଶିକ୍ଷକ ଏକ କ୍ଷୁଦ୍ରପୁସ୍ତିକା ବାହାରକରି ଏହାର ସୁତ୍ରପାତ କରିଥିଲେ ଓଡ଼ିଆ ସାହିତ୍ୟର ସୁଯୋଗ୍ୟ ସେନାପତି ଫକୀରମୋହନ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୁଦନ ଦାସ, ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ,ପାରଳାର ଗଜପତି କୃଷ୍ଣଚନ୍ଦ୍ର ଦେବ, ସ୍ୱଭାବକବି ଗଙ୍ଗାଧର ମେହେର, ବିଚ୍ଛନ୍ଦ ଚରଣ, ଖଲିକୋଟ ରାଜାରାମଚନ୍ଦ୍ର ମର୍ଦ୍ଦରାଜ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୌରୀଶଙ୍କର ରାୟ, ବାମଣ୍ଡାର ରାଜା ସୁଚଳ ଦେବ, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ ଏମିତି ଅନେକ ମହାମନିଷୀମାନେ ଏହାର ଦୃଢ ପ୍ରତିବାଦ କଲେ। ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ହେଲା। ଯାହା ବ୍ରିଟିଶ ସରକାର ପାଖରେ ଓଡିଆ ଭାଷାର ସୁରକ୍ଷା ଓ ଓଡ଼ିଆ ରାଜ୍ୟ ଗଠନର ଦୃଢ଼ ଦାବି ଉପସ୍ଥାପନ କରିବାକୁ ଲାଗିଲେ। ଏପରିକି ମଧୁବାବୁ ବ୍ରିଟେନ ଯାଇ ସ୍ୱତନ୍ତ୍ର ଓଡ଼ିଶା ସମ୍ବନ୍ଧରେ ଦୃଢ ଦାବି ଉପସ୍ଥାପନା କରିଥିଲେ ଯାହା ପରବର୍ତ୍ତୀ କାଳରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ସ୍ଥାପନାର ମୂଳଦୁଆ ପକାଇଲା । ଅନେକ ପ୍ରଚେଷ୍ଟା ପରେ ୧୯୩୬ ଏପ୍ରିଲ ୦୧ରୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ହେଲା, ମାତ୍ର ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ରହିଗଲା ସେଇ ପୂର୍ବ ଶାସିତ ପ୍ରୋଭିନ୍ସଗୁଡିକରେ, ପରବର୍ତ୍ତୀ କାଳରେ ତାହା ନୂତନ ସୃଷ୍ଟ ରାଜ୍ୟଗୁଡ଼ିକରେ ସାମିଲ ହୋଇଗଲା। ଯେମିତି

■ ମୁଖ୍ୟ ପ୍ରସଙ୍ଗ

ଅବିଭକ୍ତ ଗଞ୍ଜାମ ଓ କୋରାପୁଟର ଅନେକ ଅଞ୍ଚଳ ଆନ୍ଧ୍ରରେ ମିଶିଗଲା, ଉଦାହରଣ ସ୍ୱରୂପ ତତ୍କାଳୀନ ଜୟପୁର ରାଜ୍ୟ ଯଦି ଓଡ଼ିଶାରେ ମିଶିଲା, ସେଇ ଜୟପୁର ରାଜ୍ୟର ଆରାକୁଭ୍ୟାଲି ବା'ବୋରା ଗୁହାଲୁ' ଯୋଉଥିରୁ ଆନ୍ଧ୍ରସରକାର ଦୈନିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ଆନ୍ଧ୍ରରେ ରହିଗଲା କେମିତି ସେଇଭଳିଭାବେ ବିହାର ପ୍ରୋଭିନ୍ସରୁ ଓଡ଼ିଆ ଅଞ୍ଚଳ ଅଲଗା ହେବାବେଳେ ପ୍ରଥମେ ବିହାରରେ ଓ ପରେ ଝାଡ଼ଖଣ୍ଡରେ ରହିଗଲା ବିଶାଳ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଷଢ଼େଇକଳା, ସିଂହଭୂମି ଓ ଗୋରୁମହିଷାଣୀ, ଯୋଉଥିପାଇଁ ଓଡ଼ିଆ ହୋଇଥିଲା ଝାଡ଼ଖଣ୍ଡର ୨ୟ ରାଜଭାଷା ଯାହାକୁ ଚଞ୍ଚକତାପୂର୍ଣ୍ଣଭାବେ ଝାଡ଼ଖଣ୍ଡ ସରକାର ୧୦ବର୍ଷପରେ ୨୦୨୧ରେ ଉଠାଇ ଦେଇଛନ୍ତି । ସେହିପରି ପଶ୍ଚିମବଙ୍ଗ ଓ ଛତିଶଗଡରେ ମଧ୍ୟ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ରହିଗଲା ଯୋଉଠାର ଅଧିବାସୀ ଏତେ ବର୍ଷପରେ ମଧ୍ୟ ସେମାନଙ୍କ ପୂର୍ବର ଭାଷା, ଚଳଣି, ପରମ୍ପରା, ଐତିହ୍ୟକୁ ଝୁରି ହେଉଛନ୍ତି। ଅବଶ୍ୟ ଏଥିପାଇଁ ତତ୍କାଳୀନ ରାଜ୍ୟ ଓ କେନ୍ଦ୍ର ନେତୃବୃନ୍ଦ, ସରକାରୀ ଅଧିକାରୀମାନଙ୍କର ଅବହେଳା, ନ୍ୟସ୍ତସ୍ୱାର୍ଥ ଓ ଷଡ଼ଯନ୍ତ୍ର କେତେକ ପରିମାଣରେ ଦାୟୀ। ନିଜର ଅସ୍ମିତା କଥା ଛାଡ଼, ଏ ଜାତିର କର୍ଣ୍ଣଧାର ଉତ୍କଳ ଗୌରବ ଓ ଉତ୍କଳମଣିଙ୍କୁ ମଧ୍ୟ ଏ ଜାତି ଉପଯୁକ୍ତ ସମ୍ମାନ ଦେଇନାହିଁ। ମଧୁବାବୁ ଏ ଜାତିର ସମ୍ମାନକୁ ତଳେ ପକାଇ ନଦେବା ପାଇଁ କାଙ୍ଗାଳ ହୋଇଗଲେ, ଶେଷ ଜୀବନ ବଡ଼ କଷ୍ଟରେ କାଟିଲେ, ତାଙ୍କ ପାଇଁ ଏ ଜାତି କରିଛି କ'ଣ ? ସେମିତି ଗୋପବନ୍ଧୁ ନିଜର ସମ୍ପୂର୍ଣ୍ଣ ପରିବାରକୁ ପଛ କରିଦେଲେ ଏ ଜାତିର ଉତ୍ଥାନ ପାଇଁ, ଆମେ ଖାଲି ତାଙ୍କ ଜୟନ୍ତୀରେ ଫୁଲହାର ଗୋଟିଏ ଗୋଟିଏ ଚଢାଇ ଆମ କାମ ସାରି ଦେଉଛେ। ତାଙ୍କ ଆଦର୍ଶ, ବିଚାରଧାରା ସେସବୁର କ'ଣ କିଛି ମୂଲ୍ୟ ନାହିଁ ! ଆମେ ଆଜିକାଲି ଯାହାସବୁ କରୁଛେ ସବୁ ସେଇ ମହାମନିଷୀମାନଙ୍କ ରଚନାର ବିପରୀତ। ଉତ୍କଳମଣି ଲେଖିଥିଲେ,'ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।' ଏବେ ଏସବୁ ଆମ(ଅଧିକାଂଶଙ୍କ)ଭାଷାରେ ହୋଇଯାଇଛି, 'ସଭିଙ୍କ ସମ୍ପତ୍ତି ମିଶୁ ମୋର ସମ୍ପତ୍ତିରେ, ମୁହିଁ ବସିଥାଏ ସଭିଙ୍କ ଉପରେ।' ପଗଡ଼ି ପୁରୁଷ ମଧୁବାବୁ ଲେଖିଥିଲେ, 'ଜାତିର ଉନ୍ନତି ସେ କାହୁଁ କରିବ, ସ୍ୱାର୍ଥେ ବ୍ୟସ୍ତ ଯା'ର ମନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ ?' ଆଜିକାର ସ୍ୱାର୍ଥସର୍ବସ୍ୱ ଦୁନିଆରେ ସମସ୍ତେ(ବ୍ୟତିକ୍ରମ ଯେନାହିଁ ଏମିତି ନୁହେଁ)ନିଜ ନିଜର କ୍ଷଣସ୍ଥାୟୀ ହେଲେ ମଧ୍ୟ ନ୍ୟସ୍ତସ୍ୱାର୍ଥକୁ ନେଇ ବ୍ୟସ୍ତବିବ୍ରତ, ସାମୁହିକ ବା ସାମଗ୍ରିକ ବା ସମାଜର/ଦେଶର/ଜାତିର ସ୍ୱାର୍ଥ ଦେଖୁଛି କିଏ ବା ଦେଖିବାକୁ ସମୟ କାହା ପାଖରେ ? ସମସ୍ତେ ଆମେ ନିଜକୁ ପଣ୍ଡିତ ବା ଜ୍ଞାନୀ ବୋଲି ଭାବୁଛେ। ଆମ ଜାତିର ଅସ୍ମିତାକୁ ଆମେ କାହିଁ କୋଉଠି ଛାଡି ଆସିଛେ, ତାକୁ ବୁଝିବାକୁ ବା ଜାଣିବାକୁ ମଧ୍ୟ ଆମର ସେମିତି ଆଗ୍ରହ ନାହିଁ। ଏସବୁ ସତ୍ତ୍ୱେ ଗତ ୨୦୨୪ ଫେବୃଆରୀରେ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଆସନ୍ତା ୨୦୨୫ ଜାନୁଆରୀରେ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଓଡିଆ ସମ୍ମିଳନୀ ଏଦିଗରେ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ନିମନ୍ତେ ଏକ ଏକ ମାଇଲଖୁଣ୍ଟ ସଦୃଶ। ଆଉ ଏକ କଥା ରାଜ୍ୟ ସରକାର 'ଅସ୍ମିତା ଭବନ' ନିର୍ମାଣ କରିବାର ଘୋଷଣା ଏକାନ୍ତ ସ୍ୱାଗତଯୋଗ୍ୟ। ଏଥିରୁ ପ୍ରତୀୟମାନ ହୁଏ ଯେ ଅଦ୍ୟାବଧି 'ଅସ୍ମିତା'ର ପ୍ରକୃତ ବିଜୟ ହୋଇ ନଥିଲେ ମଧ୍ୟ ୨୦୨୪ ଭାରତୀୟ ସାଧାରଣ ନିର୍ବାଚନରେ, ଓଡ଼ିଶା ନିର୍ବାଚନରେ ମୁଖ୍ୟ ସୁତ୍ରଧର ଯେ 'ଓଡ଼ିଆ ଅସ୍ମିତା' ଏଥିରେ ଦ୍ୱିମତ ନାହିଁ। ବନ୍ଦେ ଉତ୍କଳ ଜନନୀ। ଶେଷରେ ପୂଣ୍ୟାତ୍ମା ଉତ୍କଳମଣୀଙ୍କ ଚିର ଉଦ୍ଭାସିତ କବିତା, 'ଭାରତ ସରସେ ଉତ୍କଳ କମଳ, ତା'ମଧ୍ୟେ କେଶର ପୂଣ୍ୟ ନୀଳାଚଳ।'





ମୋ-୯୦୯୦୧ ୯୦୦୬୯

## ମନକୁ ଆସିଲା ଯାହା ୩

# ନୂଆବର୍ଷ... କାହା ପାଇଁ କେମିତି !



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଚାହୁଁ ଚାହୁଁ ଚାଲିଗଲା ୨୦୨୪... ଆଉ ୨୦୨୫ ଆସି ଆମ ସାମ୍ନାରେ ହାଜର। କାନ୍ଥରେ ଟଙ୍ଗା ହେଇଥିବା ସେଇ ପୁରୁଣା ମଳିଛିଆ କ୍ୟାଲେଣ୍ଡର ବଦଳି ନୂଆ ଟଙ୍ଗା ହେଲା ଯାହା...ଆଉ କିଛି ବି ବଦଳିଲା ନାହିଁ। ଆଜି ବି ସକାଳେ ଆମ କଲୋନୀର ଜଗନ୍ନାଥ ମନ୍ଦିରରୁ ମାଇକରେ ଭଜନ ବାଜିଛି, ପୁଣି ଅଦୁରସ୍ଥ ମସଜିଦରୁ ବି ଶୁଭିଛି 'ଆଲ୍ଲା ହୋ ଆକବର'। ଅନ୍ୟ ସବୁଦିନ ପରି ଆଜି ବି ସକାଳ ହେଇଛି ସ୍ୱାଭାବିକ ଭାବରେ।

ମୁଁ ରାସ୍ତାକୁ ବାହାରିଲି ତ' ନଜରକୁ ଆସିଲା ମେଞ୍ଚା ମେଞ୍ଚା ଟୁକୁରା କାଗଜ। ମନେ ପଡ଼ିଗଲା ଗତକାଲି ରାତିରେ ଏଇଠି ଆମ କଲୋନୀର ପିଲାମାନେ 'ଜ଼ିରୋ ନାଇଟ' ସେଲିବ୍ରେସନ କରିଥିବେ ପରା। ସେଇମାନେହିଁ ରାତି ୧୨ ଟାରେ ଏଇଠି ବାଣ ଫୁଟାଇ ଥିବେ। ପାଖରେ ପଡିଥିବା ଭଙ୍ଗା କାଚର ବୋତଲ ଆଉ ଚେପା ଟିଣ କ୍ୟାନ ମାନ ସୂଚେଇ ଦେଉଥିଲେ ସେମାନଙ୍କ ମତୁଆଲା ପଣର ହାଲକା ଝଲକ।

ଏଇଠି ମୋର ମାନେ ପଡିଗଲା, ସତେତ, ଗୋଟେ ନୂଆ ବର୍ଷ (ହଉ ପଛେ ଇଂରାଜୀ) ରେ ଆମେ ପାଦଥାପି ସାରିଛୁ। ଆଜି ଦିନର ଆରମ୍ଭ ଟିକେ ମନ୍ଦିରରେ ଠାକୁର ଦର୍ଶନରୁ କଲେ କେମିତି ହୁଅନ୍ତା । ଏୟାଭାବି ଆମ ଘର ପାଖରେଥିବା ମନ୍ଦିର ଆଡ଼େ ମୁହାଁଇଲି। ଏଠି କିନ୍ତୁ ଅସମ୍ଭାଳ ଭିଡ଼। ମନ୍ଦିର ଆହୁରି ଖଣ୍ଡେ ବାଟ ଦୂରରେ ଅଛି, ଭିତରକୁ ପଶିବା ପାଇଁ ଲମ୍ବା ଧାଡି ଲାଗି ସାରିଲାଣି। ରାସ୍ତାର ଉଭୟ ପାର୍ଶ୍ୱରେ, ଭିକାରୀ ମାନଙ୍କର ଲମ୍ବା ଲାଇନ। ମୁଁ ମନେ ମନେ ହିସାବ କଲି, ଯଦି ମୁଁ ଏବେ ଧାଡିରେ ଲାଗିବି, ତା'ହେଲେ ମୋ ପାଳି ପଡି ଭିତରକୁ ଯାଇ ଠାକୁର ଦର୍ଶନ କରି ସାରି ଫେରିଲା ବେଳକୁ ଅତି କମରେ ୨ ଘଣ୍ଟା ସମୟ ଲାଗିବ। ତେଣେ ଅଫିସ ଯିବାକୁ ଡେରି ହେଇଯାଇପାରେ। ଏଣୁ ମନ୍ଦିର ଯିବା କଥା ମନରୁ ପାସୋରି ଦେଇ ସେଇଠୁଁ ଥାଇ ଠାକୁରଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ମୁଣ୍ଡିଆଟିଏ ମାରିଲି ଓ ପରିବା ଦୋକାନ ଆଡେ ମୁହେଁଇଲି ।

ଆରେ ୟେ କ'ଣ ? ନୂଆବର୍ଷରେ ନୂଆ ଦର। ସବୁଦିନିଆ ପରିବା ନେଉଥିବା ଚିହ୍ନରା ଦୋକାନୀ ବି ଆଜି ଦେଢ଼ଗୁଣ ଦାମ ହାଙ୍କୁଛି। ପଚାରିଲାରୁ କହିଲା, ଆଉ କଣ ୨୦୨୪ ଅଛିଯେ, ପୁରୁଣା ଦରରେ ପରିବା ଖୋଜୁଛ। ଆଜି ପରା ନୂଆବର୍ଷ, ସେଇଥିପାଇଁ ଆଜିଠୁ ନୂଆ ଦର। ମୁଁ ଆଉ ଯୁକ୍ତି ନକରି, କଥା ନବଢ଼େଇ ସେଠୁ ଆଗେଇଲି ଆଗକୁ।

ଏଠି ବୋଧେ ଗୋଟେ ଦୁର୍ଘଟଣା ଘଟିଛି। ନହେଲେ ଏତେ ଲୋକ ଭିଡ଼ ଜମେଇଛନ୍ତି କାହିଁକି। ବୋଧେ ଶହେ ସରିକି ଲୋକ ହାତରେ ବ୍ୟାଗ୍ ଧରିକି ରୁଣ୍ଡ ହେଇଛନ୍ତି ଗୋଟେ ଜାଗାରେ। କେହି ଜଣେ ସେହି ଭିଡ଼ରୁ ବାହାରି ଆସିଲା, 'ନା' ଭାଇ, ୟେ ବି ଖାସିରେ ପାଣି ମିସାଉଛି' ବୋଲି କହି କହି । ମୁଁ ସେଇଠୁ ଜାଣିଲି ଯେ, କିଛି ଦୁର୍ଘଟଣା ନୁହେଁ ବରଂ ସେଠି ସଦ୍ୟ କଟା ହୋଇଥିବା ଖାସି ମାଂସ ବିକ୍ରି ଚାଲିଛି। ଅଦୂରସ୍ଥ ଆମିଷ ବଜାର ଆଡେ ନଜର ପକେଇଲି ତ' ସେଠି ଧାଡ଼ି ଧାଡ଼ି କୁକୁଡ଼ା ଆଉ ମାଛ ଦୋକାନ ସାମ୍ନାରେ ବି ଊଣା ଅଧିକେ ସେଇ ସମାନ ଅବସ୍ଥା। ମୁଁ ଏଥର ଆଉ କିଛି ନ ଆଣି ଘର ଆଡେ ଫେରିଲି ଏବଂ ଅନ୍ତତଃ ବର୍ଷର ପ୍ରଥମ ଦିନ ଠିକ ସମୟ ଅଫିସରେ ପହଂଚିବି ବୋଲି ଭାବି ଭାବି ଗାଧୁଆ ଘରେ ପଶିଗଲି ।

ଅଫିସ ବାହାରିଲି ସିନା ହେଲେ ମନକୁ ଆସିଲା କିଛି ଗୋଲାପ ଫୁଲ ନେଇଯିବା କଥା । ଏବର୍ଷ ନୂଆବର୍ଷରେ ପରା ରାଷ୍ଟ୍ରୀୟ ଶୋକ ଚାଲିଛି। କୌଣସି ଆଡମ୍ବରପୁର୍ଣ ଆୟୋଜନ କରା ଯିବନି କିନ୍ତୁ ସାମାନ୍ୟ ଫୁଲଟିଏ ତ' ମୁଁ ଦେଇପାରିବି ମୋର ଅତିଥି ଅଭ୍ୟାଗତ ମାନଙ୍କୁ। ଏୟା ଭାବି ଫୁଲ ବଜ଼ାର ଆଡେ ମୁହେଁଇଲି। ଏଠି ତ' ତହୁଁ ବଳି ଭିଡ଼। ଧାଡ଼ିକ ଯାକ ଫୁଲ ଦୋକାନୀ ମେଲେଇଛନ୍ତି ରାସ୍ତା ଉପରେ ନିଜ ନିଜ ପସରା। ରଙ୍ଗବେରଙ୍ଗର ଫୁଲ ସବୁ ସଜେଇ ହୋଇ ଥୁଆ ହେଇଛନ୍ତି କିସମ କିସମର ତୋଡ଼ାରେ। ଭଳିକିଭଳି ଡିଜାଇନର ଫୁଲତୋଡ଼ା ଅଚିରେ ବିକ୍ରି ହେଇଯାଉଥାନ୍ତି ମୋ ଆଖି ସାମ୍ନାରେ। ମୁଁ ତ' ସାମାନ୍ୟ ଗୋଲାପ କେଇଟା ନେବି, ମୋତେ ସେ ଦୋକାନୀ ବାପୁଡ଼ା ଆଡ ଆଖିରେ ବି ଅନାଉ ନଥାଏ। ତଥାପି ସାହସ କରି ଦର ପଚାରିଲି ତ' ସେ ସାଧାରଣ ଦିନ ଅପେକ୍ଷା ତିନି ଗୁଣ ଦାମ କହିଲା, ଆଉ ତା' ସହ ସ୍ୱଗତୋକ୍ତି.. 'ଆଜି ପରା ନୂଆ ବର୍ଷ ମାସକ ଯାକର ବେପାର ଏଇ ଗୋଟିଏ ଦିନରେ। ପୁଣି ଯାଇ ଭାଲେଣ୍ଟାଇନ ଡେ' କୁ ଅପେକ୍ଷା।' ମୁଁ ଅଗତ୍ୟା ଅଳ୍ପ କେଇଟା ଫୁଲ ନେଇ ଆସିଲି ସେଇ ଚଢ଼ା ଦରରେ ।

ଏଥର ଅଫିସରେ ପହଞ୍ଚି ମୋର ଆଶ୍ଚର୍ଯ୍ୟ ହେବାର ପାଳି। ଫୁଲ/ଡାଇରୀ/କ୍ୟାଲେଣ୍ଡର ଧରି ଏଠି ବି ଲୋକ ଧାଡିରେ। ମୋତେ ଲାଗିଲା ଏତେ ଶ୍ରଦ୍ଧା ଭକ୍ତି ସବୁ ନୂଆ ବର୍ଷ ଦିନ କାହିଁକି ଉଛୁଳି ପଡ଼େ ? ବର୍ଷଯାକ ତ' ବିତିଯାଏ ପରନିନ୍ଦା ପରଚର୍ଚ୍ଚା କରିବାରେ। ଖାଲି ଏଇ ଗୋଟିଏ ଦିନ ଅପର୍ଯ୍ୟାପ୍ତ ଭଲ ପାଇବା ଦେଖେଇ ଦେଇ ପରୋକ୍ଷରେ ଆମେ ନିଜର ଛଳନାକୁ ହିଁ ପ୍ରମାଣିତ କରୁନାହୁଁ କି ? ମନରେ ଯଦି ସେତିକି ଭଲ ପାଇବା ଅଛି, ତେବେ ଆଜି ଗୋଟିଏ ଦିନ କାହିଁକି ? ବର୍ଷ ଯାକର ବାକି ୩୬୪ ଦିନ କାହିଁକି ନୁହେଁ.. ?

ଏଇ ଚିନ୍ତାରେ ବିତିଗଲା ମୋର ତମାମ ସକାଳ। ମୁଁ ନିଜ କାମ କରି ଚାଲିଥାଏ। ଏପଟେ ନିଜ କର୍ମଚାରୀ ଓ ଅନ୍ୟମାନେ ଆସୁଥାନ୍ତି ଦେଖା କରି ଯାଉଥାନ୍ତି। ମୁଁ ବି ସମସ୍ତଙ୍କୁ ଧରାଉଥାଏ ଗୋଟେ ଗୋଟେ ଗୋଲାପ ଫୁଲ। ଏତିକି ବେଳେ ମନ୍ଦାର ଗଛର ଚାରାଟିଏ ଧରି ପଶି ଆସିଲେ ଜଣେ ସହକର୍ମୀ। ବୋଧେ ହାଇବ୍ରିଡ଼ ହେବକି କ'ଣ, ଡୋଫା ଧଳା ଓ ଇଷତ୍ ନାଲି ଛିଟ ମିଶା ମନ୍ଦାର ଫୁଲଟିଏ ହସୁଥାଏ ଛୋଟିଆ ସେଇ ଗଛର ଡାଳରେ। ମୋତେ ଏହା ଦେଖି ପ୍ରକୃତିସ୍ଥ ହେବାକୁ ଘଡ଼ିଏ ଲାଗିଲା । ସେ ମୋ ଟେବୁଲରେ ସଯତ୍ନରେ ରଖିଦେଲେ ଚାରାଟିକୁ। ଅନେକ ଫୁଲଙ୍କ ମେଳରେ, ରଙ୍ଗ ବେରଙ୍ଗର ଜରି କାଗଜଙ୍କ ଭିଡ଼ରେ ଏଇଟି ଦିଶୁଥାଏ ସତରେ ନିଆରା । ସତେ ଯେମିତି ମୋତେ ହାତ ଠାରି ଡାକୁଥାଏ..'ମୁଁ ଫୁଲ ନୁହେଁ ଯେ ଦିନ କେଇଟାରେ ମଉଳି ଯିବି। ମୁଁ ପରା ଗଛଟିଏ, ମୋତେ ନିଅ ବଡ଼ କର, ମୁଁ ଅମ୍ଳଜାନ ଦେବି, ପରିବେଶକୁ ସୁରକ୍ଷା ଦେବି...।' ଏମିତି କେତେ କଣ କହିଚାଲି ଥାଏ ଗଛଟି। ମୋ କାନରେ ଠିକ୍ ବାଜୁଥାଏ ସେ ଚାରାଟିର ଡାକ, ଏତେ ଲୋକଗହଳି ଭିତରେ ବି।

ମୁଁ ଭାବି ବସିଲି କେଡ଼େ ଛୋଟିଆ କଥାଟିଏ। ଫୁଲଟିଏ ଦେଖିବାକୁ ସୁନ୍ଦର ସିନା, ପରମାୟୁ ମାତ୍ର ଦିନ କେଇଟା, ପୁଣି ତୋଳା ହେଇଛି, ଗଛର ଡାଳରୁ ଛିଣ୍ଡେଇ। ଗଛଟିଏ ଆଜି ସିନା ଏଡ଼ିକିଟେ, କାଲି ଯେ ଅଜସ୍ର ଫୁଲ ନଦେବ କିଏ ବା କହିବ ? ମୁଁ ମନେ ମନେ ନିଷ୍ପତ୍ତି ନେଲି, ଏଇ ୨୦୨୫ ବର୍ଷ ଯାକ ମୋର ଯାହାକୁ ଯେତେ ଉପହାର ଦେବାକୁ ଅଛି ମୁଁ ଅନ୍ୟ କିଛି ନଦେଇ ଭଲ ଗଛର ଚାରା ହିଁ ଦେବି। ଆଉ କିଛି ହଉ କି ନହେଉ, ଆମ ପରିବେଶ ପାଇଁ ମୁଁ ମୋର ଛୋଟିଆ ଯୋଗଦାନ କରିପାରିଛି ବୋଲି ଆତ୍ମସନ୍ତୋଷ ତ' ପାଇବି। ମୋ ଅଫିସ ପ୍ରାଙ୍ଗଣରେ ସେଇ ମନ୍ଦାର ଗଛଟିକୁ ଲଗେଇ ତା' ର ଯତ୍ନ ନେବି ବୋଲି ନବବର୍ଷରେ ସଂକଳ୍ପ ନେଲି।

ଆପଣ ମାନେ ନୂତନ ବର୍ଷରେ କଣ ସଂକଳ୍ପ ନେଇଛନ୍ତି, ଥରେ ଭାବନ୍ତୁ ତ..! ଯଦି ସଂକଳ୍ପ କିଛି କରିନାହାନ୍ତି, ଏବେ ବି ସମୟ ଅଛି ଏଇ ପ୍ରଥମ ସପ୍ତାହ ଭିତରେ ଅନ୍ୟୁନ ଗଛଟିଏ ଲଗାନ୍ତୁ ଓ ତା'ର ଯତ୍ନ ନେଇ ବଡ଼ କରନ୍ତୁ। ନା' କଣ କହୁଛନ୍ତି..!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ - ୭୦୦୮୬୦୧୧୬୧**

ଫ୍ୟାସନ୍



# ଘରୋଇ ଉପଚାରରେ ଗୋଲାପ ଫୁଲ ମଶ୍ଚରାଇଜର୍

ଶୀତଦିନ ପାଇଁ ଘରୋଇ ଉପଚାରରେ ଗୋଲାପ ଫୁଲରୁ ତିଆରି କରନ୍ତୁ ମଶ୍ଚରାଇଜର୍। ଶୀତଦିନ ଯୋଗୁଁ ଚର୍ମଗୁଡ଼ିକ ସାଧାରଣିତଃ ଶୁଷ୍କ ଦେଖାଯିବା ସହିତ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦିଏ। ତେବେ ଚର୍ମର ଯତ୍ନ ପାଇଁ ଘରେ ଗୋଲାପ ଫୁଲରୁ ମଶ୍ଚରାଇଜିଂ କ୍ରିମ୍ ପ୍ରସ୍ତୁତ କରିପାରିବେ। ଏହା ଚର୍ମକୁ କୋମଳ ଏବଂ ମଶ୍ଚରାଇଜ୍ କରିଥାଏ। ଏହାକୁ ତିଆରି କରିବା ମଧ୍ୟ ବହୁତ ସହଜ। ଗୋଲାପ ଫୁଲରୁ ମଶ୍ଚରାଇଜର୍ କିପରି ପ୍ରସ୍ତୁତ କରିବେ ସେ ବିଷୟରେ ତଳେ କିଛି ଟିପ୍ସ ଦିଆଯାଇଛି।

ମଶ୍ଚରାଇଜର୍ ପାଇଁ କେବଳ ଗୋଟିଏ କିମ୍ବା ଦୁଇଟି ଗୋଲାପ ଫୁଲର ଆବଶ୍ୟକ। ଆବଶ୍ୟକୀୟ ସାମଗ୍ରୀ ଗୁଡ଼ିକ ହେଲା- ଗୋଟିଏ ଦୁଇଟି ସତେଜ ଗୋଲାପ ଫୁଲ, ୫ମିଲି ପାଣି, ୩୦ ଗ୍ରାମ ଆଲୋଭେରା ଜେଲ୍ ଏବଂ ୪ମିଲି ବାଦାମ ତେଲ। ଏହି ମଶ୍ଚରାଇଜର୍‌କୁ ହାତ, ଗୋଡ଼ ଏବଂ ମୁହଁରେ ବ୍ୟବହାର କରିବେ। ଏହାକୁ ଲଗାଇବା ଦ୍ୱାରା ଚେହେରାକୁ ଗୋଲାପୀ ଏବଂ ନରମ ଚମକ ଦେବ।

## ତିଆରି କରିବା ପଦ୍ଧତି

ସର୍ବପ୍ରଥମେ ଏହି ସବୁ ଜିନିଷକୁ ମିଶ୍ରଣ କରିନେବେ। ଏହି ମିଶ୍ରଣକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଏକ କାଚ ବୋତଲରେ ବାହାର କରି ଫ୍ରିଜରେ ରଖନ୍ତୁ। ମଶ୍ଚରାଇଜର ଫ୍ରିଜରେ ଏକ ସପ୍ତାହ ସହଜରେ ରହିପାରିବ। ଯଦି ଆପଣ ଚାହାଁନ୍ତି, ଅଧିକ ଗୋଲାପ ଫୁଲ ନେଇ ମଶ୍ଚରାଇଜର ମଧ୍ୟ ପ୍ରସ୍ତୁତ କରିପାରିବେ। ଘରେ ତିଆରି ଗୋଲାପ ମଶ୍ଚରାଇଜର୍‌କୁ ମଧ୍ୟ ମୁହଁରେ ଲଗାଇଲେ ତ୍ୱଚା ଗ୍ଲୋ କରିଥାଏ। ପ୍ରତିଦିନ ଗାଧୋଇବା ପୂର୍ବରୁ ଏହାକୁ ମୁହଁ, ବେକ ଏବଂ ହାତରେ ଲଗାନ୍ତୁ। ଲଗାଇବାର ଅଧ ଘଣ୍ଟା ପରେ ଗାଧୋଇ ପାରିବେ। ଏହାକୁ ସବୁଦିନ ବ୍ୟବହାର କଲେ କେବଳ ତ୍ୱଚାକୁ ଏକ କୋମଳ, ଚିକ୍କଣ କରିବା ସହିତ ପିଙ୍କ୍ ଗ୍ଲୋ ମଧ୍ୟ ଦେଇଥାଏ।

ରୋଷେଇ ଘରୁ

# ଗ୍ରୀନ୍ ମଟର ପଲଉ



### ଆବଶ୍ୟକ ସାମଗ୍ରୀ:

ବାସ୍ମତି ଚାଉଳ-୫୦୦ଗ୍ରାମ୍, ଫ୍ରେସ୍ ଗ୍ରୀନ୍ ମଟର-୨କପ୍, ତେଲ, ଗୋଟା ମସଲା (ତେଜପତ୍ର, ଚକ୍ର ଫୁଲ, ଲବଙ୍ଗ, ଡାଲଚିନି, ଅଳେଇଚ, ଗୁଜୁରାତି, ଗୋଲମରିଚ, ଜିରା, ପାନମଧୁରୀ), ପିଆଜ-୨ଟା, କଞ୍ଚାଲଙ୍କା-୬/୭ଟା, ଅଦା-ରସୁଣ ପେଷ୍ଟ-୧ଚାମଚ, ଦହି-୪ଚାମଚ, ଲୁଣ, ଧନିଆ ପତ୍ର, ଲେମ୍ବୁରସ, ଗରମ ମସଲା, ଧନିଆ ପାଉଡ଼ର।

### ପ୍ରଣାଳୀ:

ପ୍ରଥମେ ଚାଉଳକୁ ଧୋଇ ସାରିବା ପରେ ୩୦ ମିନିଟ୍ ପର୍ଯ୍ୟନ୍ତ ଭିଜେଇ ରଖିନ୍ତୁ। ପ୍ରେସର୍ କୁକରରେ ତେଲ ଗରମ ହେଲା ପରେ ଗୋଟା ମସଲା ସବୁ ପକାଇ ଭାଜବେ। ଏଥିରେ କାଟି ରଖିଥିବା ପିଆଜକୁ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେହି ପିଆଜରେ ଚପ୍ କରିଥିବା କଞ୍ଚାଲଙ୍କା, ଅଦା-ରସୁଣ ପେଷ୍ଟ, ଦହିକୁ ଦେଇ ଭଲ ଭାବେ ମିଶେଇ ନେବେ। କିଛି ସମୟ ଭାଜିବା ପରେ ଲୁଣ, ଗ୍ରୀନ୍ ମଟର, ଧନିଆ ପତ୍ର, ଗୋଟା କଞ୍ଚାଲଙ୍କା ପକାଇ କଷନ୍ତୁ। ଏଥିରେ ୪କପ୍ ପାଣି ଦେଇ ୫ମିନିଟ୍ ଘୋଡ଼ାଇବେ। ପାଣି ଫୁଟିଲେ ଭିଜେଇ ରଖିଥିବା ଚାଉଳ, ଧନିଆ ପାଉଡ଼ର, ଗରମ ମସଲା, ଲେମ୍ବୁରସ ମିଶାଇ ୬ମିନିଟ୍ ଘୋଡ଼ାନ୍ତୁ। ଏହାକୁ ୱାଇସିଲ୍ ଆସିବା ପୂର୍ବରୁ ଗ୍ୟାସ୍ ବନ୍ଦ କରିନେବେ। ଟମାଟୋ ଚଟଣି ପାଇଁ କଞ୍ଚାଲଙ୍କା, ରସୁଣ, ଟମାଟୋ, ଜିରା, ଲଙ୍କା ପାଉଡ଼ର, ଲୁଣ, ଧନିଆପତ୍ର, ଲେମ୍ବୁରସ ଦେଇ ଗ୍ରାଇଣ୍ଡିଂ କରିବେ। ଏହାକୁ ଗ୍ରୀନ୍ ମଟର ପଲଉ ସହିତ ଟମାଟୋ ଚଟଣି ଖାଇପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ**
ସପ୍ତାହଟି ଆପଣଙ୍କ ଭିତରେ ଆତ୍ମବିଶ୍ୱାସର ଝଲକ ଦେଖାଦେବ ଯେଉଁ କାମହାତକୁ ନେବେ ପୂରା ମନରେ କରିବେ। ବ୍ୟବସାୟରୁ ଅଚାନକ ଧନଲାଭ ହେବ। କୌଣସି ମିତ୍ର ଆପଣଙ୍କୁ ଦେଖା କରିବାକୁ ଆସିବେ। ପ୍ରତିକାର ହର ପାର୍ବତୀଙ୍କୁ ପୂଜିବେ।

**ବୃଷ**
ସପ୍ତାହଟି ଭାଗ୍ୟ ଆପଣଙ୍କ ସଙ୍ଗରେ ରହିବ। ବନ୍ଧୁଙ୍କ ମାଧ୍ୟମରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହେବ ଆର୍ଥିକ ସମସ୍ୟାରୁ ମୁକ୍ତି ପାଇବେ। କୌଣସି ନିର୍ମାଣ କାର୍ଯ୍ୟଲାଗି ଯୋଜନା କରିବେ। ପ୍ରତିକାର ସନ୍ତୋଷୀ ମାତାକୁ ଆରାଧାନା କରିବେ।

**ମିଥୁନ**
ସପ୍ତାହଟି ପରିବାର ସହିତ ହସଖୁସିର ମୁହୂର୍ତ୍ତ ବିତେଇବେ। ବ୍ୟବସାୟ ପାଇଁ ଭଲ ସୁଯୋଗ ମିଳିବ। ଆପଣଙ୍କ ଆର୍ଥିକ ସ୍ଥିତି ଠିକ୍‌ଠାକ୍ ରହିବ। ସାମାଜିକ କ୍ଷେତ୍ରରେ ଯଶ ମିଳିବ। ପ୍ରେମ ଓ ରୋମାନ୍ସ ପାଇଁ ଭଲ ରହିବ। ପ୍ରତିକାର ମାଆ ଅମ୍ବିକା ପୂଜା କରଣୀୟ।

**କର୍କଟ**
ସପ୍ତାହଟି ବ୍ୟବସାୟରୁ ଆଶାଠୁଁ ଅଧିକ ଲାଭ ପାଇବେ। ଚାକିରି ତଲାସରେ ଥିବା ବ୍ୟକ୍ତି ବିଶେଷଙ୍କୁ ବଢ଼ିଆ ଚାକିରି ମିଳିବ। ପାରିବାରିକ ଅଶାନ୍ତିର ସମାଧାନ ହେବ। ପ୍ରତିକାର ସୂର୍ଯ୍ୟ ଦେବଙ୍କୁ ପୂଜା କରଣୀୟ।

**ସିଂହ**
ସପ୍ତାହଟି କୌଣସି ଅନୁଭବୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବାର ସମ୍ଭାବନା ଅଛି। ଜୀବନ ସାଥୀଙ୍କ ଠାରୁ ଉପହାର ପାଇବେ। ମାଙ୍ଗଳିକ କାର୍ଯ୍ୟ କରିବା ପାଇଁ ଆଲୋଚନା କରିବେ। ପ୍ରତିକାର ମାଆ ସମଲେଶ୍ୱରୀ ପୂଜା କରିବେ।

**କନ୍ୟା**
ସପ୍ତାହଟି ନିଜର ଇଚ୍ଛାକୁ ଭଲ କାମରେ ସଂଶିଷ୍ଟ କରିବେ। ସାମାଜିକ କାର୍ଯ୍ୟରେ ଅଧିକ ସମୟ ବ୍ୟୟ କରିବେ। ବରିଷ୍ଠଙ୍କ ସହଯୋଗରେ ଆପଣଙ୍କ କାମ ସଂପୂର୍ଣ୍ଣ ହେବ ଅଫିସରେ କାହାରି ସହିତ ଯୁକ୍ତିତର୍କ ହୋଇପାରେ। ପ୍ରତିକାର ମାଆ ଭୈରବୀଙ୍କୁ ପୂଜା କରଣୀୟ।

**ତୁଳା**
ସପ୍ତାହଟି ପୂଜାପାଠରେ ଅଧିକ ସମୟ ବ୍ୟୟ କରିବେ। କୌଣସି ଶୁଭ ସୂଚନା ମିଳିବା ହେତୁ ଖୁସି ରହିବେ। ଆପଣ ନିଜ କାମରେ ସମସ୍ତଙ୍କୁ ଚକିତ କରିଦେବେ ଘରକୁ କିଛି ଜିନିଷ କିଣିପାରନ୍ତି। ପ୍ରତିକାର ବାବ ଜଳଶ୍ୱର ପୂଜାକରଣୀୟ।

**ବିଛା**
ସପ୍ତାହଟି ଖୁସି ଭରା ରହିବ। ବ୍ୟବସାୟରେ ପରିବର୍ତ୍ତନ ଯୋଗୁ ଆପଣଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବ। ସମାଜରେ ଆପଣଙ୍କ କାମର ପ୍ରଶଂସା ହେବ। ଜୀବନସାଥୀ ଆପଣଙ୍କ କଥାରେ ପ୍ରଭାବିତ ହେବେ। ପ୍ରତିକାର ଶ୍ରୀ ଗଣେଶ ପୂଜା କରଣୀୟ।

**ଧନୁ**
ସପ୍ତାହଟି ଆପଣଙ୍କର ବଡ଼ରୁ ବଡ଼ କାମ ହୋଇଯିବ। ଆର୍ଥିକ ସ୍ଥିତିରେ ଯଥେଷ୍ଟ ସୁଧାର ହେବ ପାରିବାରିକ ସମ୍ବନ୍ଧ ମଜଭୁତ ହେବ। ଛାତ୍ରଙ୍କୁ ପରିଶ୍ରମ ଭଲ ଫଳ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ପ୍ରତିକାର ମାଆ ଦୂର୍ଗା ପୂଜା କରଣୀୟ।

**ମକର**
ସପ୍ତାହଟି ପାରିବାରିକ ମାମଲାରେ ଯେଣେତେଣେ ଦୌଡ଼ିବାକୁ ପଡ଼ିବ। କୌଣସି କଥାକୁ ନେଇ ଭାଇଙ୍କ ସହିତ ମତଭେଦ ହେବ ବ୍ୟବସାୟକୁ ଆଶାଠୁଁ କମ୍ ଲାଭ ପାଇବେ। ପ୍ରତିକାର ମାଆ ଶାରଳା ପୂଜା କରଣୀୟ।

**କୁମ୍ଭ**
ସପ୍ତାହଟି କୌଣସି ଖାସ୍ କାମରେ ଆପଣଙ୍କୁ ଫାଇଦା ହେବ ଅଫିସର ସମସ୍ତଙ୍କ ସହିତ ଉତ୍ତମ ସଂପର୍କ ବଜାୟ ରହିବ। ବ୍ୟବସାୟ ସଂକ୍ରାନ୍ତରେ ଭଲ ରହିବ। ବନ୍ଧୁଠାରୁ ଉପକାର ପାଇବେ। ପ୍ରତିକାର ଆଖଣ୍ଡଳମଣି ପୂଜା କରିବେ।

**ମୀନ**
ସପ୍ତାହଟି ଅଚାନକ ଧନ ଲାଭ ହେବ। ଆପଣଙ୍କ ଉନ୍ନତିର ନୂଆ ରାସ୍ତା ଖୋଲିବ। ବନ୍ଧୁଙ୍କ କଥାରେ ସମ୍ବନ୍ଧ ଆସିବ। ପରିଶ୍ରମ ଓ ପ୍ରଚେଷ୍ଟା ଦ୍ୱାରା ବିଗିଡ଼ି ଯାଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ପ୍ରତିକାର ମାଆ ସବେନେଶ୍ୱରୀ ପୂଜା କରଣୀୟ।

ପର୍ଯ୍ୟଟନ





# ଶ୍ରୀବଳଦେବ ସ୍ୱାମୀ ମନ୍ଦିର

ନୈସର୍ଗିକ ଶୋଭା ବିମଣ୍ଡିତ ତଟିନୀର ନିନାଦରେ ନିନାଦିତ କବିହଂସ କେଳିସର ଘୁମୁସର ଗଡର ବିଭବଶାଳୀ ଅନେକ ମନ୍ଦିର ତା'ର କୀର୍ତ୍ତି ରାଜିକୁ ଧରି ସଦର୍ପରେ ଦଣ୍ଡାୟମାନ। ଘୁମୁସରର ଧାର୍ମିକ ରାଜାମାନଙ୍କ ଦ୍ୱାରା ଅନେକ ମଠ ମନ୍ଦିର ସ୍ଥାପିତ ହୋଇଥିଲା। ତନ୍ମଧ୍ୟରୁ ଅଷ୍ଟାଦଶ ଶତାବ୍ଦୀର ରାଜା ଶ୍ରୀକର ଭଞ୍ଜ ଘୁମୁସରର ବିଭିନ୍ନ ଅଞ୍ଚଳରେ ଅନେକ ମନ୍ଦିର ନିର୍ମାଣ କରି ରକ୍ଷଣା ବେକ୍ଷଣ ପାଇଁ ଭୂସମ୍ପତ୍ତି ମାନ ଖଞ୍ଜି ଦେଇଥିଲେ। ତାଙ୍କର ଅମଳିନ କୀର୍ତ୍ତି କୌମୁଦୀ ମଧ୍ୟରେ ବୁଗୁଡ଼ା ମୁଠାସ୍ଥ ବଡ଼ ଦାଣ୍ଡର ପଶ୍ଚିମ ଦିଗରେ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରର ସମ୍ମୁଖ ଭାଗରେ ଅବସ୍ଥିତ ଶ୍ରୀ ବଳଦେବ ସ୍ୱାମୀ ମନ୍ଦିର ଅନ୍ୟତମ। ରାଜର୍ଷି ଶ୍ରୀକର ଭଞ୍ଜଙ୍କ ଶାସନ ସମୟରେ ବୁଗୁଡ଼ା ସନ୍ନିକଟ ମୁକୁନ୍ଦ ଗଡ ( ବର୍ତ୍ତମାନର ମୁକୁନ୍ଦ ପୁର) ଜୟକରି ଦେବ ବଂଶ ରାଜାଙ୍କୁ ପରାସ୍ତ କରି ତାହାଙ୍କ ଇଷ୍ଟ ଦେବତା ପ୍ରଭୁ ଶ୍ରୀ ବଳଦେବ ସ୍ୱାମୀଙ୍କୁ ବୁଗୁଡ଼ାରେ ଆଣି ପ୍ରତିଷ୍ଠା କରାଇଥିଲେ। ପରେ ଶ୍ରୀ ଜଗନ୍ନାଥ ଓ ସୁଭଦ୍ରାଙ୍କ ମୂର୍ତ୍ତି ନିର୍ମାଣ କରି ପୂଜା କରାଯାଉଛି। ବଳଦେବ ସ୍ୱାମୀଙ୍କୁ ପ୍ରଥମେ ସ୍ଥାପନ କରାଯାଇଥିବାରୁ ଏହା ବଳଦେବ ମନ୍ଦିର ନାମରେ ଖ୍ୟାତ।

## ନିର୍ମାଣ ଶୈଳୀ -

ମନ୍ଦିରଟି ସମ୍ପୂର୍ଣ୍ଣ ପ୍ରସ୍ତରରେ ନିର୍ମିତ। ଭଦ୍ର ଶୈଳୀରେ ନିର୍ମିତ ଏହି ମନ୍ଦିରର ଉଚ୍ଚତା ପ୍ରାୟ ୩୫ ଫୁଟ ଓ ଗୋଲେଇ ପ୍ରାୟ ୧୦୦ ଫୁଟ। ମୁଖଶାଳାର ଦ୍ୱାର ଉପରେ ସିମେଣ୍ଟ ନିର୍ମିତ ଅନନ୍ତ ଶୟନ ଅତୀବ ଆକର୍ଷଣୀୟ। ଦ୍ୱାର ଦେଶର ଦକ୍ଷିଣରେ ଗଣେଶ ଓ ଉତ୍ତରରେ ହନୁମାନ ପୂଜା ପାଉଛନ୍ତି। କାନ୍ଥର ଉତ୍ତରରେ ପତିତ ପାବନ ଓ ଦକ୍ଷିଣରେ ଜୟଦୁର୍ଗାଙ୍କ ମୂର୍ତ୍ତି ଅବସ୍ଥାପିତ। ଜଗମୋହନରେ ଗରୁଡ ବିନୀତ ମୁଦ୍ରାରେ ଉପସ୍ଥାପିତ। ଗର୍ଭ ଗୃହରେ ପ୍ରସ୍ତର ନିର୍ମିତ ସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମେତ ମଦନମୋହନ ଓ ଶ୍ରୀଦେବୀ ବିଜେ ପ୍ରତିମା ଭାବେ ପୂଜିତ ହେଉଛନ୍ତି। ମନ୍ଦିର ହତା ଭିତରେ ଏକ ସୁଦୃଶ୍ୟ ସ୍ନାନ ମଣ୍ଡପ ମଧ୍ୟ ରହିଛି। ଉତ୍କଳୀୟ ସ୍ଥାପତ୍ୟ କଳାରେ ମନ୍ଦିରଟି ଶୋଭିତ।





## ଅନ୍ୟାନ୍ୟ ମନ୍ଦିର -

ଶ୍ରୀ ବଳଦେବ ସ୍ୱାମୀଙ୍କ ମନ୍ଦିର ମଧ୍ୟରେ ସ୍ଥାନୀୟ ଜନତାଙ୍କ ପ୍ରଚେଷ୍ଟାରେ ଲକ୍ଷ୍ମୀ ମନ୍ଦିର, ନୃସିଂହ ମନ୍ଦିର, ବିଶ୍ୱନାଥ ମନ୍ଦିର, ତ୍ରିନାଥ ମନ୍ଦିର ଅବସ୍ଥିତ। କାଷ୍ଠ ନିର୍ମିତ ନୃସିଂହଙ୍କ ବିଶାଳ ପ୍ରତିମୂର୍ତ୍ତି ବାସ୍ତବରେ ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ। ଘୁମୁସର ବିନ୍ଧାଣୀର ଚମତ୍କାର କାରିଗରୀର ଏହା ନିଦର୍ଶନ। ଏତଦ୍ ବ୍ୟତୀତ ବେଢାରେ ଯଜ୍ଞ ମଣ୍ଡପ, ଠାକୁରଙ୍କ ରୋଷେଇ ଘର ମଧ୍ୟ ରହିଛି। ବର୍ତ୍ତମାନ ଲୋକଙ୍କ ସୁବିଧା ପାଇଁ ଏକ କଲ୍ୟାଣ ମଣ୍ଡପ ମଧ୍ୟ କରାଯାଇଛି। ପାନୀୟ ଜଳର ବ୍ୟବସ୍ଥା ପାଇଁ ପଥର କୂପ ସହ ନଳକୂପ ଏବଂ ବୋରୱେଲ ମଧ୍ୟ ରହିଛି।

## ଲୋକ ବିଶ୍ୱାସ -

ଶ୍ରୀ ବଳଦେବ ସ୍ୱାମୀଙ୍କ ବହୁ ମାହାତ୍ମ୍ୟ ଥିବା ଜନମୁଖରୁ ଶୁଣାଯାଏ। ସର୍ପାଘାତରେ ଆହତ ବ୍ୟକ୍ତିଙ୍କୁ ମନ୍ଦିର ପରିସରରେ ପକାଇ ଅଷ୍ଟୋତ୍ତର ଶତ ସଂଖ୍ୟକ ମନ୍ତ୍ରପୂତ ଜଳରେ ସ୍ନାନ କଲେ ସେ ପୁନର୍ଜୀବିତ ହେଉଥିବା ବିଶ୍ୱାସ କରାଯାଏ। ଏଠାରେ ଯେ କୌଣସି କାମନା କଲେ ତାହା ଶୀଘ୍ର ପୂର୍ଣ୍ଣ ହୋଇଯାଏ।





## ପର୍ବପର୍ବାଣୀ -

ଶ୍ରୀ ବଳଦେବ ସ୍ୱାମୀଙ୍କ ପ୍ରମୁଖ ପର୍ବପର୍ବାଣୀ ମଧ୍ୟରେ ରଥଯାତ୍ରା ପ୍ରଧାନ। ଏହିଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁଉଚ୍ଚ ରଥରେ ବସାଇ ଗୁଣ୍ଡିଚା ମନ୍ଦିରକୁ ନଅଦିନ ପାଇଁ ଯାତ୍ରା କରାଯାଏ। ଏତଦ୍ ବ୍ୟତୀତ ଦେବସ୍ନାନ ପୂର୍ଣ୍ଣିମା, ଦୋଳ ଯାତ୍ରା, କାର୍ତ୍ତିକ ପୂର୍ଣ୍ଣିମା ଦିନ ଏଠାରେ ପ୍ରବଳ ଜନ ସମାଗମ ହୁଏ।

## ଦୈନନ୍ଦିନ ନୀତି -

ଠାକୁର ମାନଙ୍କୁ ପ୍ରତ୍ୟୁଷରୁ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢେ। ତାପରେ ବାଲ ଭୋଗ ହୁଏ। ମଧ୍ୟାହ୍ନରେ ଶଙ୍ଖୁଡ଼ି ଭୋଗ ଅର୍ପଣ କରାଯାଏ। ପହୁଡ଼ ପଡିଥାଏ। ପୁଣି ସନ୍ଧ୍ୟା ଆଳତୀ ହୋଇ ରାତିରେ ଅନ୍ନ ଭୋଗ ପରେ ପହୁଡ଼ ନୀତି ପଡ଼ିଥାଏ। ଶଙ୍ଖୁଡ଼ି ଭୋଗରେ ଅନ୍ନ, ଡାଲି, ତରକାରୀ, ଖଟା ହେଉଥିବା ବେଳେ ପର୍ବପର୍ବାଣୀ ମାନଙ୍କରେ ସ୍ୱତନ୍ତ୍ର ଭୋଗରାଗର ବ୍ୟବସ୍ଥା ରହିଛି।

ମନ୍ଦିରଟି ବହୁ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଥିଲା। ସଂପ୍ରତି ସ୍ଥାନୀୟ ପ୍ରଶାସନ ଓ ସେବାୟତ ମାନଙ୍କ ସହଯୋଗରେ ବହୁବିଧ ଉନ୍ନତି ସାଧିତ ହୋଇଛି। ଉତ୍ସାହୀ ଯୁବକ ଓ ଶ୍ରୀ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘ ଦ୍ୱାରା ଆର୍ଥିକ ସହାୟତା ସଂଗ୍ରହ କରି ମନ୍ଦିର ପରିଚାଳନା ଏବଂ ମରାମତି କାମ ତଦାରଖ କରୁଛନ୍ତି। ଏହି ମନ୍ଦିରର ସୁରକ୍ଷା ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗର ଦୃଷ୍ଟି ପଡ଼ିଲେ ଏହା ଆହୁରି ବିକଶିତ ହୋଇପାରନ୍ତା।

## କେମିତି ଆସିବେ -

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରୁ ପ୍ରାୟ ୧୬୫ କିମି, ଦକ୍ଷିଣ ଓଡ଼ିଶାର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ବ୍ରହ୍ମପୁର ଠାରୁ ୭୦ କିମି ଦୂରରେ ବୁଗୁଡ଼ା ବ୍ଲକ୍‌ରେ ଏହି ମନ୍ଦିର ଅବସ୍ଥିତ। ଆପଣ ଉଭୟ ପଟରୁ ସଡ଼କ ପଥରେ ଆସିପାରିବେ।


**ବୈଷ୍ଣବ ଚରଣ ଦାଶ,**
**ବୀର ଧନଞ୍ଜୟ ପୁର, ବୁଗୁଡ଼ା, ଗଞ୍ଜାମ**
**ମୋ-୯୭୭୬୫୩୪୯୩୦**



ମନୋରଞ୍ଜନ

# ନିର୍ମାଣ ହେବ 'ଆନିମଲ୍'ର ଦୁଇଟି ପାର୍ଟ

୨୦୨୩ରେ ରିଲିଜ ହୋଇଥିଲା ଫିଲ୍ମ 'ଆନିମଲ୍'। ରଣବୀର କପୁରଙ୍କୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଅନ୍ଦାଜରେ ଏହି ଫିଲ୍ମରେ ଦେଖିବାକୁ ମିଳିଥିଲା। ଫିଲ୍ମଟି ରିଲିଜ ହେବା ସହିତ ଅନେକଗୁଡ଼ିଏ ଆଲୋଚନାର ସମ୍ମୁଖୀନ ମଧ୍ୟ ହୋଇଥିଲା। ସବୁ ଆଲୋଚନା ସହିତ ବକ୍ସ ଅଫିସ୍‌ରେ ଜାରି ରହିଥିଲା ଫିଲ୍ମଟିର ପ୍ରଦର୍ଶନ। ଯେଉଁ ଦର୍ଶକମାନଙ୍କୁ ଫିଲ୍ମଟି ପସନ୍ଦ ଆସିଥିଲା ସେମାନଙ୍କୁ ଫିଲ୍ମ 'ଆନିମଲ୍'ର ଏକ ଟ୍ରାଇଲୋଜି ହେବ ବୋଲି ରଣବୀର ଏକ ଖୁସି ଖବର ଦେଇଛନ୍ତି। ପ୍ରଶଂସକମାନେ 'ଆନିମଲ୍ ପାର୍ଟ-୨'କୁ ନେଇ ଉତ୍ସାହିତ ଥିବାବେଳେ ରଣବୀର ଏହି ଖୁସିକୁ ଆହୁରି ବୃଦ୍ଧି କରିଛନ୍ତି। ରଣବୀର ଓ ସନ୍ଦୀପ ରେଡ୍ଡି ଭାଙ୍ଗା ନିଜ କାମକୁ ନେଇ ବର୍ତ୍ତମାନ ସମୟରେ ବ୍ୟସ୍ତ ଥିବାବେଳେ 'ଆନିମଲ୍'ର ଏହି ପରବର୍ତ୍ତୀ ପାର୍ଟ ୨୦୨୭ରେ ଆରମ୍ଭ ହେବ। ତେବେ ଫିଲ୍ମର ଅଂଶବିଶେଷ ହେବା ପାଇଁ ରଣବୀର କପୁର ବେଶ୍ ଉତ୍ସାହିତ ଅଛନ୍ତି। କାରଣ ଫିଲ୍ମରେ ତାଙ୍କୁ ନେଗେଟିଭ୍ ଓ ହିରୋ ଦୁଇ ପ୍ରକାରର ଚରିତ୍ରକୁ ନିଭେଇବାରେ ସୁଯୋଗ ମିଳିଥିଲା। ଯଦିଓ ରଣବୀରଙ୍କ ଚରିତ୍ରକୁ ନେଇ ବେଶ୍ ଆଲୋଚନା ହୋଇଥିଲା ଓ କିଛି ଲୋକ ଏହାକୁ ମିସୋଜିନିଷ୍ଟ (ନାରୀ ଦ୍ୱେଷୀ) ବୋଲି କହିଥିଲେ। ବଲିଉଡ୍‌ର ପ୍ରସିଦ୍ଧ ଲେଖକ ଜାଭେଦ ଅଖତର୍ ମଧ୍ୟ ଫିଲ୍ମର ଆଲୋଚନା କରିଥିଲେ। ଏହି ଫିଲ୍ମରେ ରଣବୀରଙ୍କ ସହିତ ରଶ୍ମିକା ମନ୍ଦାନା ଓ ତୃପ୍ତି ଡିମ୍ରୀ ଅଭିନୟ କରିଥିଲେ।




# ମୁକ୍ତିଲାଭ କରିବ 'ରଙ୍ଗଶୁର'



ପ୍ରକାଶ ଫିଲ୍ମସ୍ ଏବଂ ମୁନ୍ ଟିଭି ମୁଭିଜ୍‌ର ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଥିବା ନୂଆ ଓଡ଼ିଆ ଫିଲ୍ମ 'ରଙ୍ଗଶୁର' ନୂଆ ବର୍ଷ ଉପଲକ୍ଷେ ମୁକ୍ତିଲାଭ କରିବ ଆସନ୍ତା ଜାନୁଆରୀ ୧୨ ତାରିଖରେ। ପାରମ୍ପରିକ ଲୋକ ନୃତ୍ୟ ଓ ନାରୀ ସଶକ୍ତିକରଣ ଉପରେ ଆଧାରିତ ଏକ ଭିନ୍ନ ଧରଣର ଫିଲ୍ମ ହେଉଛି 'ରଙ୍ଗଶୁର'। ମୁନ୍ ଟିଭି ଓ ପ୍ରକାଶ ଫିଲ୍ମସ୍ ପ୍ରଯୋଜିତ ଏବଂ ମ୍ୟାକ୍ସିମିଆ ଏହି ଫିଲ୍ମଟିର ସହ-ପ୍ରଯୋଜନାର ଭାର ସମ୍ଭାଳିଛନ୍ତି। ସଚ୍ଚିକାନ୍ତ ଜେନା, ପ୍ରଶାନ୍ତ ବେହେରା ଏହାର ପ୍ରଯୋଜନା କରିଥିବା ବେଳେ ସହ-ପ୍ରଯୋଜନା କରିଛନ୍ତି ସୁନୀଲ ଯାଦବ ଏବଂ ପ୍ରତାପ ରାଉତ। କାହାଣୀ, ଚିତ୍ରତ୍ତୋଳନ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ବହୁ ଅଭିଜ୍ଞ ଟେକ୍ନିସିଆନ୍ ପ୍ରତାପ ରାଉତ। ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ବିଲୁପ୍ତପ୍ରାୟ ଲୋକକଳା ବାଘ ନାଚ ଉପରେ 'ରଙ୍ଗଶୁର'ର କାହାଣୀ ଆଧାରିତ। ରଙ୍ଗ ମାନେ କଲର୍, ଶୁର ମାନେ ବୀର ବା ଯୋଦ୍ଧା। ମୁଖ୍ୟତଃ ଗଞ୍ଜାମ ଏବଂ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ଓ ବେଙ୍ଗଲ, କର୍ଣ୍ଣାଟକ, କେରଳ, ଆନ୍ଧ୍ର, ତାମିଲନାଡ଼ୁ, ମହାରାଷ୍ଟ୍ର ରାଜ୍ୟମାନଙ୍କରେ ମଧ୍ୟ ଏହି ନୃତ୍ୟ ପରିବେଷଣ ହୋଇଥାଏ। 'ବାଘ ବଞ୍ଚିଲେ ବଞ୍ଚିବ ଜଙ୍ଗଲ, ଜଙ୍ଗଲ ବଞ୍ଚିଲେ ବଞ୍ଚିବୁ ଆମେ' ବାର୍ତ୍ତା ନେଇ ଏହି ବାଘ ନୃତ୍ୟ ଉପରେ ଆଧାରିତ କାହାଣୀକୁ ନେଇ ନିର୍ମାଣ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ରଙ୍ଗଶୁର'। ଏଥିରେ ଅଭିନୟ କରିଛନ୍ତି ଅଭିଜ୍ଞ ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ ଏବଂ ଶୁଭଶ୍ରୀ ପ୍ରମୁଖ। ଏହି ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ସ୍କ୍ରିପ୍ଟ ହିମାଂଶୁ ଏବଂ ଶତ୍ରୁ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଡଃ ରଜନୀ ରଞ୍ଜନ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ ବାନି। ପ୍ରଚାର ଓ ପ୍ରସାରରେ ଅଛନ୍ତି ଓଲିଉଡ୍ କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଓ ସଂବିତ ଜେନା।

# ଶ୍ରୀଲୀଲାଙ୍କ ବଲିଉଡ୍ ଡେବ୍ୟୁ

ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା: ଦି ରୁଲ୍' ରିଲିଜ ହେବା ପରେ ଶ୍ରୀଲୀଲାଙ୍କ ନାମ ଜବରଦସ୍ତ ଚର୍ଚ୍ଚାରେ ରହିଛି। ମୁଭିର ଆଇଟମ୍ ନମ୍ବର 'କିସିକ୍'ରେ ଶ୍ରୀଲୀଲା ତାଙ୍କ ଡ୍ୟାନ୍ସକୁ ନେଇ ଦର୍ଶକ ମହଲରେ ବେଶ୍ ପ୍ରଶଂସିତ ହୋଇଛନ୍ତି। ଏହା ମଧ୍ୟରେ ଏକ ଖବର ଆସିଛି ଯେ କରଣ ଜୋହରଙ୍କ ଏକ ଫିଲ୍ମର ଅଫର୍ ଆସିଛି ଶ୍ରୀଲୀଲାଙ୍କ ପାଖକୁ। ଏହା ହେଉଛି ସେହି ଫିଲ୍ମ ଯେଉଁଥିରେ ନଜର ଆସିବେ କାର୍ତ୍ତିକ ଆର୍ଯ୍ୟନ୍। ନିକଟରେ ଶ୍ରୀଲୀଲା ଧର୍ମା ପ୍ରଡକ୍ସନ୍‌ର ଅଂଶବିଶେଷ ହେବା ପାଇଁ ନିଜର ଆଗ୍ରହ ଦେଖାଇଛନ୍ତି। ତେବେ କାର୍ତ୍ତିକ କ୍ରିସ୍‌ମାସ୍ ଅବସରରେ 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ' ଫିଲ୍ମର ଘୋଷଣା କରିଥିଲେ। ଏହା ସହିତ ଦର୍ଶକମାନଙ୍କୁ ସେ ଟିଜର ମଧ୍ୟ ଦେଖାଇଥିଲେ। ଅଭିନେତାଙ୍କ ଏହି ଫିଲ୍ମଟି ୨୦୨୬ରେ ରିଲିଜ ହେବ। ଏହାର ନିର୍ଦ୍ଦେଶନାର ଦାୟିତ୍ୱ ଦିଆଯାଇଛି ଜାତୀୟ ପୁରସ୍କାର ବିଜେତା ସମୀର ବିଦ୍ୱାନ୍ସଙ୍କୁ। ଫିଲ୍ମ 'ସତ୍ୟପ୍ରେମ୍ କି କଥା'ର ନିର୍ଦ୍ଦେଶନା ଦାୟିତ୍ୱରେ ମଧ୍ୟ ସେ ଥିଲେ। ତେବେ ଅଭିନୟ ଦୁନିଆରେ ଶ୍ରୀଲୀଲାଙ୍କର ରହିଛି ପାଞ୍ଚ ବର୍ଷର ଅଭିଜ୍ଞତା। ୨୦୧୭ରେ ଶ୍ରୀଲୀଲା ଫିଲ୍ମ 'ଚିତ୍ରାଙ୍ଗଦା' ଜରିଆରେ ଡେବ୍ୟୁ କରିଥିଲେ। ଏହାପରେ ସେ ଅନେକଗୁଡ଼ିଏ ପ୍ରୋଜେକ୍ଟରେ ମଧ୍ୟ କାମ କରିଛନ୍ତି। ଏବେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ଶ୍ରୀଲୀଲା।



# ଅର୍ଜୁନ, ରକୁଲ୍ ଓ ଭୂମିଙ୍କ କେମିଷ୍ଟ୍ରି



ବହୁତ ଶୀଘ୍ର ଅର୍ଜୁନ କପୁର, ଭୂମି ପେଡନେକର୍ ଓ ରକୁଲ୍ ପ୍ରୀତ ସିଂହ କମେଡି ଫିଲ୍ମ 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି'ରେ ନଜର ଆସିବେ। ଫିଲ୍ମର ପୋଷ୍ଟର ରିଲିଜ ହୋଇସାରିଛି। ପୂଜା ଏଣ୍ଟରଟେନ୍‌ମେଣ୍ଟ୍ ବ୍ୟାନର ଅନ୍ତର୍ଗତ ନିର୍ମିତ ହୋଇଥିବା ଏହି ଫିଲ୍ମଟି ୨୧ ଫେବୃଆରୀରେ ବଡ଼ ପରଦାରେ ରିଲିଜ ହେବ। ନିର୍ଦ୍ଦେଶକ ମୁଦସର୍ ଅଜିଜ୍‌ଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିବା ଏହି ଫିଲ୍ମଟିର କାହାଣୀରେ ଦେଖିବାକୁ ମିଳିବ ଲଭ୍ ଟ୍ରାଏଙ୍ଗଲ୍। ଏହା ପୂର୍ବରୁ ଅଜିଜ୍ ପ୍ରଥମେ ଅକ୍ଷୟ କୁମାର ଅଭିନୀତ ମଲ୍ଟିଷ୍ଟାରର୍ ଫିଲ୍ମ 'ଖେଲ୍ ଖେଲ୍ ମେଁ' ଓ କାର୍ତ୍ତିକ ଆର୍ଯ୍ୟନ୍ ଅଭିନୀତ ଫିଲ୍ମ 'ପତି ପତ୍ନୀ ଔର୍ ୱ'ର ନିର୍ଦ୍ଦେଶନା ଦାୟିତ୍ୱ ତୁଲଉଛନ୍ତି। ଜଣେ ନିର୍ମାତା ଭାବରେ ଅଜିତ ମନୋରଞ୍ଜନଧର୍ମୀ ଫିଲ୍ମର ନିର୍ମାଣ କରିଥାନ୍ତି ଯେଉଁଗୁଡ଼ିକ ଦର୍ଶକମାନଙ୍କୁ ହସିବା ପାଇଁ ମଜବୁର କରିଦିଏ। ଏପରି ଫିଲ୍ମଗୁଡ଼ିକ ସିନେମା ଦୁନିଆରେ ଅଧିକ ଦିନ ରାଜ୍ କରିଥାନ୍ତି। ତେବେ 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି' ଏପରି ଏକ ଫିଲ୍ମ ଯାହା ରୋମାଣ୍ଟିକ ସମ୍ପର୍କର ବିଚିତ୍ରତାଗୁଡ଼ିକୁ ଦର୍ଶାଇବ। ତାଙ୍କ ଫିଲ୍ମଗୁଡ଼ିକ ସାଙ୍ଗସାଥି ଓ ପରିବାରର ଲୋକମାନଙ୍କୁ ଏକା ସହିତ ଆଣିଥାଏ, ସେମାନଙ୍କୁ ହସାଇଥାଏ। ଏହା ପୂର୍ବରୁ ପୂଜା ଏଣ୍ଟରଟେନ୍‌ମେଣ୍ଟ 'ବିବି ନମ୍ବର ୱାନ୍' ଓ 'ହିରୋ ନମ୍ବର ୱାନ୍' ପରି ହିଟ୍ ଫିଲ୍ମଗୁଡ଼ିକର ନିର୍ମାଣ କରିସାରିଛି।

# 'ସ୍ତ୍ରୀ-୩'କୁ ନେଇ ନୂଆ ଖବର



'ସ୍ତ୍ରୀ' ଫ୍ରାଞ୍ଚାଇଜ୍‌ର ଦର୍ଶକମାନଙ୍କୁ ନେଇ ଆସିଛି ନୂଆ ଖବର। ଶ୍ରଦ୍ଧା କପୁର-ରାଜ କୁମାର ରାଓଙ୍କ ବ୍ଲକ୍‌ବଷ୍ଟର ଏହି ହରର୍-କମେଡିର ତୃତୀୟ କିସ୍ତି 'ସ୍ତ୍ରୀ-୩' ପୁଣି ଥରେ ବଡ଼ ପରଦାକୁ ଫେରିବ। ନିର୍ମାତାମାନେ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ ସେୟାର୍ କରି ଏହି ଖୁସି ଖବର ଦେଇଛନ୍ତି। ଏହା ସହିତ ଫିଲ୍ମଟି ୧୩ ଅଗଷ୍ଟ, ୨୦୨୭ରେ ପରଦାକୁ ଆସିବ ବୋଲି ଘୋଷଣା କରିଛନ୍ତି ନିର୍ମାତାମାନେ। ତେବେ ଏହି ଫିଲ୍ମର ଘୋଷଣା ସହିତ କେତୋଟି ସୁପରହିଟ୍ ହରର୍-କମେଡିର ରିଲିଜ ତାରିଖର ମଧ୍ୟ ଘୋଷଣା କରାଯାଇଛି। ସୂଚୀରେ ଥାମା-୨୦୨୫, ଶକ୍ତି ଶାଳିନୀ-୩୧ ଡିସେମ୍ବର, ୨୦୨୫, ଭେଡିୟା ୨-୧୪ ଅଗଷ୍ଟ, ୨୦୨୬, ଚାମୁଣ୍ଡା-୪ ଡିସେମ୍ବର, ୨୦୨୬, ମହା ମୁଞ୍ଜ୍ୟା-୨୪ ଡିସେମ୍ବର ୨୦୨୭, ପହଲା ମହାଯୁଦ୍ଧ-୧୧ ଅଗଷ୍ଟ ୨୦୨୮, ଦୁସ୍‌ରା ମହାଯୁଦ୍ଧ-୧୮ ଅକ୍ଟୋବର, ୨୦୨୮ ପରି ଶକ୍ତିଶାଳୀ ଫିଲ୍ମଗୁଡ଼ିକ ସାମିଲ ଅଛନ୍ତି। ତେବେ ଗତ ବର୍ଷ ମ୍ୟାଡକ୍ ସୁପରନାଚୁରାଲ୍ ୟୁନିଭର୍ସ ପୂରା କବ୍‌ଜା କରି ରଖିଥିଲା ବଲିଉଡ୍‌କୁ। ଏହା ଏପରି କଣ୍ଟେଣ୍ଟ ଷ୍ଟୁଡିଓ ଯାହା ପ୍ରତି ରିଲିଜ ସହିତ ଗତ ବର୍ଷ ବକ୍ସ ଅଫିସ୍‌ରେ ଧୂମ୍ ମଚେଇଥିଲା। ସ୍ତ୍ରୀ-୨, ମୁଞ୍ଜ୍ୟା ଓ ତେରା ବାତୋଁ ମେଁ ଐସା ଉଲ୍‌ଝା ଦିୟା ପରି ମେଗା-ବ୍ଲକବଷ୍ଟର୍ ଫିଲ୍ମ ଦେବା ପରେ ୨୦୨୫-୨୮ ପର୍ଯ୍ୟନ୍ତ ସିନେମା ଘରଗୁଡ଼ିକରେ ଏହିସବୁ ଫିଲ୍ମ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗେଇବେ।

# ହୋମ୍ ୱାର୍କ ଓ ଶିକ୍ଷାର୍ଥୀ




ଡକ୍ଟର ସୁରେଶ କୁମାର ନାୟକ


ଶିକ୍ଷା ସମାଜ ବିକାଶର ମୂଳ ଉତ୍ସ। ଯେଉଁ ରାଷ୍ଟ୍ର, ସମାଜ ବା ଗୋଷ୍ଠୀ ଯେତେ ଶିକ୍ଷିତ, ସେ ସେତିକି ବିକଶିତ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ମଣିଷର ମୌଳିକ ଶିକ୍ଷା ତାର ଶୈଶବରୁ ଆରମ୍ଭ ହୋଇଥାଏ। କି ଧନୀ କି ଗରିବ, ପ୍ରତ୍ୟେକ ଅଭିଭାବକ ଚାହେଁ ତାର ସନ୍ତାନ ଉତ୍ତମ ଶିକ୍ଷା ପ୍ରାପ୍ତ କରି ଭବିଷ୍ୟତରେ ଏକ ପ୍ରତିଷ୍ଠିତ ନାଗରିକ ହୋଇ ସମାଜରେ ବଞ୍ଚୁ। ଆମର ଆଦିମ ଶିକ୍ଷା ବ୍ୟବସ୍ଥା ପୁରାତନ କାଳରେ ଋଷି, ମୁନି, ଅବଧାନ, ପଣ୍ଡିତ, ଚାଟଶାଳୀ ବା ଗୁରୁକୁଳରେ ହେଉଥିଲା ଯାହାକି ବର୍ତ୍ତମାନ ଅତ୍ୟାଧୁନିକ କାଳରେ ବିଭିନ୍ନ ନର୍ସରୀ, ଅଙ୍ଗନବାଡ଼ି, ପ୍ଲେ ସ୍କୁଲ ଆଦିରେ ଚାଲୁଛି।

ଶିକ୍ଷାର ଏହି ପ୍ରତିଯୋଗିତା ତଥା ସଫଳତା ଭିତ୍ତିକ ଆବଶ୍ୟକତାରୁ ଆରମ୍ଭ ହୁଏ ହୋମଓ୍ୱାର୍କ ସମ୍ପର୍କିତ ଆଲୋଚନା। ଶିକ୍ଷା କ୍ଷେତ୍ରରେ ହୋମଓ୍ୱାର୍କ ଶବ୍ଦଟିର ପ୍ରଚଳନ ନେଇ ଯଦିଓ ସଠିକ କିଛି ତଥ୍ୟ ନାହିଁ, ତେବେ ପ୍ରାଚୀନ ରୋମରେ ଚସକ୍ଷବଭଙ୍ଗ ନାମକ ଜଣେ ଶିକ୍ଷକ ସ୍କୁଲ ସାରିବା ପରେ କିଛି ଟାସ୍କ ଦେଉଥିବାର ତଥ୍ୟ ଅଛି। ଇଟାଲୀର ଜକ୍ଷଭରକ୍ସ୍ୱ ଘରଙ୍ଗସକ୍ଷସସ୍ୱ ୧୯୦୫ ମସିହାରେ ହୋମଓ୍ୱାର୍କ ତତ୍ତ୍ୱର ବ୍ୟବହାର ପାଇଁ ବେଶ ପରିଚିତ। ମାତ୍ର ଐକ୍ଷକ୍ସ୍ୱବମର ଗବଭଭ ହିଁ ଆମେରିକାରେ ଏହାର ବ୍ୟବହାର ଆରମ୍ଭ କରିଥିଲେ। ଏପରିକି ୧୯୩୦ ମସିହାରେ ଏହାକୁ ଶିଶୁ ଶ୍ରମିକ ପ୍ରଥା ଭଳି ମନେ କରାଯାଉଥିଲା। ଶୀତଳ ଯୁଦ୍ଧ ସମୟରେ ଆମେରିକା ନିଜ ଦେଶ ଛାତ୍ରଙ୍କୁ ସୋଭିଏତ ଛାତ୍ରଙ୍କ ଠାରୁ ଆଗରେ ରଖିବା ପାଇଁ ଏହାକୁ ଉନ୍ନତ ଶିକ୍ଷାର ଆବଶ୍ୟକତା ଭାବୁଥିଲା। ୧୯୮୬ ମସିହାରେ ଆମେରିକା ସରକାରୀ ଭାବରେ ଏହାକୁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ବୋଲି ସ୍ୱୀକୃତି ଦେଇଥିଲା। ପ୍ରାଚୀନ ଭାରତର ଗୁରୁକୁଳକୁ ଅନୁଧ୍ୟାନ କଲେ ଶିକ୍ଷାର ଚାରୋଟି ବିନ୍ଦୁ ପଠନ, ଲିଖନ, ଅନୁଷ୍ଠାନ ଓ ସ୍ୱାଧ୍ୟାୟ। ଏହି ସବୁରେ ବିନା ଗୁରୁରେ ଅଭ୍ୟାସ ଯାହାକୁ ଆଜିକାଲିର ହୋମଓ୍ୱାର୍କର ଏକ ରୂପ ବୋଲି ମଧ୍ୟ ଅନେକ ମତ ଦିଅନ୍ତି। ସ୍କୁଲର ବିଧିବଦ୍ଧ ସମୟସାରଣୀ ପରେ ଛାତ୍ରଛାତ୍ରୀଙ୍କୁ ଯେଉଁ ସବୁ ବିଷୟବସ୍ତୁ ପଢ଼ିବାକୁ ବା ଲେଖିବାକୁ ପଡ଼େ, ତାକୁ ହୋମଓ୍ୱାର୍କ କୁହାଯାଏ। ପଢ଼ିବା ଓ ଲେଖିବା ଦୁଇଟି ଯାକ ଶବ୍ଦର ରୂପରେଖ ହିଁ ହୋମଓ୍ୱାର୍କର ଭୂମିକାକୁ ସ୍ପଷ୍ଟ କରେ। କ୍ଲାସରୁମ୍ ବାହାରେ ଶିକ୍ଷକ ଦେଉଥିବା ଟାସ୍କକୁ ସାଧାରଣତଃ ଏହି ଶ୍ରେଣୀରେ ଗ୍ରହଣ କରାଯାଇଥାଏ। ଆଜିକାଲି ଏହାକୁ ଶିକ୍ଷାର ଏକ ମୁଖ୍ୟ ଆଧାରଶୀଳା ଭାବରେ ଗଣାଯାଉଛି। କ୍ଲାସରୁମ୍‌ରେ ପଢ଼ା ସରିବା ପରେ ଅଭ୍ୟାସ କରିବା ହେଉ ବା ବୁଝିବା ନିମିତ୍ତ ହେଉ ବା ସେଲ୍ଫ ଷ୍ଟଡି ପାଇଁ ଶିକ୍ଷକ ଯାହା ନିର୍ଦ୍ଦେଶ ଦେଇଥାନ୍ତି, ତାଙ୍କୁ ଛାତ୍ରଛାତ୍ରୀ, ଅଭିଭାବକ ହୋମଓ୍ୱାର୍କ ବୋଲି ଭାବନ୍ତି।

ବର୍ତ୍ତମାନର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ହୋମଓ୍ୱାର୍କକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇଥାଏ। ସେମାନଙ୍କୁ ହୋମଓ୍ୱାର୍କ ଦିଆଯିବା ଉଚିତ କି ନୁହେଁ, ପ୍ରକୃତରେ ଏହାର ଆବଶ୍ୟକତା ରହିଛି କି ନାହିଁ, ଏହାକୁ ନେଇ ସର୍ବଦା ବିତର୍କ ଲାଗି ରହିଛି। ଏହି ପ୍ରସଙ୍ଗକୁ ନେଇ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କ ଭିନ୍ନ ଭିନ୍ନ ମତ ରହିଛି। କେତେକ ପିଲା ଏହାକୁ ବୋଝ ବୋଲି ଭାବିଥାନ୍ତି, ଆଉ କେତେକ ଏହାର ଆବଶ୍ୟକତା ରହିଛି ବୋଲି ମତ ଦିଅନ୍ତି। ତେବେ ଶିକ୍ଷକମାନଙ୍କ ମତ ହେଲା ଛାତ୍ରଛାତ୍ରୀମାନଙ୍କ ପାଇଁ ହୋମଓ୍ୱାର୍କ ବା ଗୃହକାର୍ଯ୍ୟ ଜରୁରୀ। କିନ୍ତୁ ଏମିତି ବି ଅତ୍ୟଧିକ ହୋମଓ୍ୱାର୍କ ଦିଆଯିବା ଉଚିତ ନୁହେଁ, ଯାହା କୋମଳମତି ଛାତ୍ରଛାତ୍ରୀଙ୍କୁ ଆରାମ ଦେବାରେ ଅସୁବିଧା ସୃଷ୍ଟି କରିବ। ଅତ୍ୟଧିକ ହୋମଓ୍ୱାର୍କ ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେରିକାରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ହୋମଓ୍ୱାର୍କ ଦିଆଯିବା ଉଚିତ ନୁହେଁ। ଦୁଇ ଘଣ୍ଟାରୁ ଅଧିକ ହୋମଓ୍ୱାର୍କ ଦିଆଯିବା କ୍ଷତିକାରକ। ହୋମଓ୍ୱାର୍କ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କ ଅତ୍ୟନ୍ତ ଜରୁରୀ।



ପ୍ରତ୍ୟେକ ଦିନ ସ୍କୁଲରୁ ଫେରିବା ପରେ ଏହା କରିବାକୁ ଛାତ୍ରଛାତ୍ରୀମାନେ ତତ୍ପର ହୋଇପଡ଼ନ୍ତି। ତେବେ ସୀମିତ ସମୟ ମଧ୍ୟରେ ହୋମଓ୍ୱାର୍କ କରିବାକୁ ପଡୁଥିବାରୁ ସେମାନଙ୍କ ଉପରେ ମାନସିକ ଚାପ ପଡ଼ିଥାଏ। ହୋମଓ୍ୱାର୍କ ଦିଆଯିବା ଉଚିତ, କିନ୍ତୁ ଟିକିଏ କମ। କେତେକ ଅଭିଭାବକ ଓ ଶିକ୍ଷାବିତଙ୍କ ମତ ହେଲା, ହୋମଓ୍ୱାର୍କ ଏଥିପାଇଁ ଦିଆଯାଏ ଯେ, ସ୍କୁଲ ଛୁଟି ପରେ ଛାତ୍ରଛାତ୍ରୀମାନେ କିଛି ସମୟ ନିଜକୁ ବ୍ୟସ୍ତ ରଖିବେ। ଟାସ୍କ ପୂରା କରିବାରେ ଅଭିଭାବକଙ୍କ ମଧ୍ୟ ଭୂମିକା ରହିଛି। ସେମାନେ ହୋମଓ୍ୱାର୍କ ଯୋଗୁଁ କିଛି ସମୟ ନିଜ ପିଲାଙ୍କ ସହିତ ବିତାଇ ପାରିବେ। ପ୍ରୋଜେକ୍ଟ ୱାର୍କ ଦିଆଯିବା ଫଳରେ ଛାତ୍ରଛାତ୍ରୀମାନଙ୍କ ରଚନାତ୍ମକ ବିକାଶ ହୋଇଥାଏ। ତେବେ ଯାହା ହେଉନା କାହିଁକି ହୋମଓ୍ୱାର୍କ ପିଲାମାନଙ୍କ ସୃଜନଶୀଳତାକୁ ବଢ଼ାଇବା ସହ ସେମାନଙ୍କ ବୌଦ୍ଧିକ ସାମର୍ଥ୍ୟକୁ ଆଗକୁ ନେଇଥାଏ।



**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**


କ୍ୟାରିୟର

# ନିଜ କାର୍ଯ୍ୟକୁ ଗୁରୁତ୍ୱ

ଅନେକ ସମୟରେ ଅନେକ ନିଜ କାର୍ଯ୍ୟକୁ ଗୁରୁତ୍ୱ ନଦେବା ଦ୍ୱାରା ଅନେକ ସମସ୍ୟା ଦେଖାଯାଇଥାଏ। ଫଳରେ ସେମାନେ ଖାମଖିଆଲୀ ଭାବରେ ଯେଉଁ କାର୍ଯ୍ୟ କରିଥାନ୍ତି, ତାହା ନିଜ କ୍ୟାରିୟର ପାଇଁ ତଥା ନିଜ ଅଫିସ୍ ପାଇଁ ମଧ୍ୟ କ୍ଷତିକାରକ ହୋଇଥାଏ। ନିଜ କାର୍ଯ୍ୟ ପ୍ରତି ନିଜେ ଯତ୍ନବାନ ହୋଇ ନପାରିଲେ, କାର୍ଯ୍ୟ କରିବାର ଦକ୍ଷତା ହରାଇବା ସହ ଉପରିସ୍ଥ ଅଧିକାରୀ ମଧ୍ୟ ସନ୍ତୁଷ୍ଟ ହେବେନାହିଁ। ଫଳରେ ନିଜର କ୍ୟାରିୟର ପ୍ରତି ନିଶ୍ଚିତ ଭାବରେ ପ୍ରଭାବ ପଡ଼ିବ। ଯୁବଗୋଷ୍ଠୀମାନେ ଯଦି କାର୍ଯ୍ୟରେ ସିରିୟସ୍ ନହେବେ, ତା'ହେଲେ ଆଗାମୀଦିନରେ ସେମାନେ ନିଜର କ୍ୟାରିୟର ଭଲ ଭାବରେ ଗଢ଼ିପାରିବେ ନାହିଁ। ସୋପାନ ପରେ ସୋପାନ ଆଗେଇ ଚାଲିବା ପଛରେ ନିଜର ନିଷ୍ଠା ତଥା ଦାୟିତ୍ୱବାନ ଗୁଣ ଅନେକ ସାହାଯ୍ୟ କରିଥାଏ। ଯଦି କାର୍ଯ୍ୟରେ ନିଷ୍ଠା ନଥାଏ କିମ୍ବା ସଂସ୍ଥା ପ୍ରତି ଆନୁଗତ୍ୟ ନଥାଏ, ତା'ହେଲେ କାର୍ଯ୍ୟରେ ଯତ୍ନଶୀଳତା ଆସିବ କୁଆଡୁ ? ନିଜକୁ ଜଣେ ଦାୟିତ୍ୱବାନ କର୍ମଚାରୀ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ନିଜ କାମ ନକରି ଅନ୍ୟଉପରେ ଦାୟିତ୍ୱ ଲଦିଦେଲେ ହେବନାହିଁ। ନିଜର ଦୋଷଗୁଣକୁ ପ୍ରଥମେ ଆବିଷ୍କାର କରିବା ସହ ତାହାର ସଂଶୋଧନ କରିବା ଦରକାର। ଯଦି ନିଜକୁ ସଂସ୍କାରିତ କରି ନପାରିଲେ, ତାହେଲେ ଆମେ କେବେ ଆଗକୁ ଯାଇପାରିବା ନାହିଁ। ତେଣୁ ସବୁବେଳେ ନିଜ କାର୍ଯ୍ୟରେ ଯତ୍ନଶୀଳ ହେବା ଆବଶ୍ୟକ।



**ଆଜିକାଲି ମହିଳାମାନେ ଘର ଚଳାଇବା ଠାରୁ ଆରମ୍ଭ କରି ଚନ୍ଦ୍ରକୁ ଯିବା ଭଳି କାର୍ଯ୍ୟ କଲେଣି, ହେଲେ ଆଜି ବି ସେମାନଙ୍କୁ ଏଭଳି କଷ୍ଟ ମିଳିବା ବନ୍ଦ ହୋଇନି। ଏଭଳି ଅନେକ ମାମଲା ସାମ୍ନାକୁ ଆସୁଛି, ଯାହା ଅତ୍ୟନ୍ତ ବିଭତ୍ସ। କେଉଁଠି ଏକତରଫା ପ୍ରେମ ପାଇଁ ଯୁବତୀଙ୍କ ମୁହଁରେ ଏସିଡ଼ ପକା ଗଲାଣି ତ ଅନ୍ୟ କେଉଁଠି ପ୍ରତିଶୋଧ ନେବା ପାଇଁ। ପ୍ରତିଦିନ ଏଭଳି ଘଟଣା ସମ୍ପର୍କରେ ଖବର କାଗଜରେ ପଢ଼ିବାକୁ ମିଳୁଛି। ତେବେ ମଣିଷ ଏତେ ନିର୍ଦ୍ଦୟ କିଭଳି ହୋଇପାରେ ସେ ନେଇ ଅନେକ ସମୟରେ ଚର୍ଚ୍ଚା ମଧ୍ୟ ହୋଇଥାଏ। ନିଜର ପ୍ରତିଶୋଧ ପାଇଁ ଅନ୍ୟଜଣଙ୍କ ଜୀବନ ସହିତ ଏତେ ଭୟଙ୍କର ଉପାୟରେ ଖେଳିବାକୁ ମଧ୍ୟ ପଛାଇ ନଥାନ୍ତି କେତେକ ଦୟାହୀନ ମଣିଷ।**



# ଏସିଡ଼ ଆଟାକ୍ ଓ ଆଇନ ବ୍ୟବସ୍ଥା

ଏସିଡ଼ ଆଟାକକୁ ନେଇ ଦେଶରେ ବିଭିନ୍ନ କଡ଼ା ନିୟମ ରହିଛି। ହେଲେ ଏହି ନିୟମର ପ୍ରଭାବ କମ ପଡୁଥିବା ବିଭିନ୍ନ ସମୀକ୍ଷାରୁ ଜଣାପଡୁଛି। ଦେଶରେ ପ୍ରତି ସମୟରେ ଏହି ଅପରାଧ ବଢ଼ିବାରେ ଲାଗିଛି। ଏକ ସର୍ଭେ ଅନୁସାରେ ୨୦୧୪ରେ ୨୦୩, ୨୦୧୫ରେ ୨୨୨, ୨୦୧୬ରେ ୨୩୮, ୨୦୧୭ରେ ୨୫୨, ୨୦୧୮ରେ ୨୨୮ଟ ଏସିଡ଼ ଆଟାକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସେହିଭଳି ୨୦୧୯ରେ ପାଖାପାଖି ୨୪୯ ଓ ୨୦୨୦ରେ ୧୮୨ଟି ମାମଲା ରୁଜୁ ହୋଇଛି। ଏହି ତଥ୍ୟରୁ ଜଣାପଡ଼େ ଦେଶରେ ଏସିଡ ଆଟାକର ମାମଲା କମିବା ବଦଳରେ ବଢ଼ିବାରେ ଲାଗିଛି। କୌଣସି ଆଇନ କିମ୍ବା ଦଣ୍ଡର ଡର ଏମାନଙ୍କୁ ଏଭଳି ଅପରାଧ କରିବାରୁ ରୋକି ପାରୁନାହିଁ। ଏଭଳି ଅମାନବୀୟ ଅପରାଧ ବଢ଼ିବାରେ ଲାଗିଛି। ଏହି ଅପରାଧ ଦେଶର ସବୁ ରାଜ୍ୟରେ ହେଉଥିବାବେଳେ ସବୁଠାରୁ ଅଧିକ ମାମଲା କୋଲକାତାରେ ଦେଖିବାକୁ ମିଳିଛି। ୨୦୨୧ରେ ହୋଇଥିବା ଏକ ସର୍ଭେ ଅନୁଯାୟୀ କୋଲକାତାରେ ପାଖାପାଖି ୩୦ଟି ଏସିଡ ଆଟାକ ମାମଲା ସାମ୍ନାକୁ ଆସିଥାଏ, ଯେଉଁଥିପାଇଁ ଏହା ତାଲିକାର ଏକ ନମ୍ବରରେ ରହିଛି। ସେହଭଳି ଉତ୍ତର ପ୍ରଦେଶ ୧୮ଟି ମାମଲା ସହ ଦ୍ୱିତୀୟରେ ୮ଟି ମାମଲା ସହିତ ଦିଲ୍ଲୀ ତୃତୀୟରେ, ସାତୋଟି ମାମଲା ସହ ଆସାମ ଚତୁର୍ଥରେ ରହିଛି। ତେବେ ଏହି ସମସ୍ତ ମାମଲାକୁ ତର୍ଜମା କଲେ ଜଣାପଡ଼େ କି ଦେଶରେ ଏସିଡ ଆଟାକକୁ ନେଇଥିବା ନିୟମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହାକୁ ଆହରି କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି।

ଏସିଡ଼ ଆଟାକ ମାମଲା ବଢ଼ିବାରୁ ଦୀର୍ଘ ୯ବର୍ଷ ପୂର୍ବେ ସୁପ୍ରିମକୋର୍ଟ ଏସିଡ଼ କିଣାବିକାକୁ ନେଇ କିଛିଟା ନିୟମ କରିଥିଲେ। ହେଲେ ବିଭିନ୍ନ ସମୟରେ ଦେଖିବାକୁ ମିଳିଥାଏ କି ଏହି ନିୟମର ପାଳନ ହୋଇ ନଥାଏ। ସୂଚନା ଅନୁସାରେ ଏଥିରୁ ଅନେକ ନିୟମ କେବଳ କାଗଜ କଲମରେ ରହିଛି। ତେବେ ନିୟମ ଅନୁସାରେ ୧୮ ବର୍ଷରୁ କମ ବ୍ୟକ୍ତିଙ୍କୁ ଏସିଡ଼ କିଣିବା ପାଇଁ ଅନୁମତି ନାହିଁ। ସେହିଭଳି ଦୋକାନୀ ଯେଉଁମାନେ ଏସିଡ଼ ବିକିବେ ସେମାନେ ଗ୍ରାହକଙ୍କର ସମ୍ପୂର୍ଣ୍ଣ ତଥ୍ୟ ରଖିବା ମଧ୍ୟ ଜରୁରୀ। ଏହି ତଥ୍ୟରେ ଗ୍ରାହକଙ୍କର ଠିକଣା ରହିବାର ଆବଶ୍ୟକତା ରହିଛି। ସେହିଭଳି ଦୋକାନୀଙ୍କ ପାଖରେ କେତେ ପରିମାଣର ଏସିଡ଼ ବିକ୍ରି ପାଇଁ ରହିଛି, ସେ ନେଇ ପ୍ରଶାସନ ପାଖରେ ମଧ୍ୟ ସୂଚନା ରହିବାର ଆବଶ୍ୟକତା ଅଛି। ସେହିଭଳି ହସ୍ପିଟାଲ, ବିଭିନ୍ନ ଲ୍ୟାବ, ଶିକ୍ଷାନୁଷ୍ଠାନ ଆଦିରେ ଯେଉଁଥିରେ ବି ଏସିଡ଼ର ବ୍ୟବହାର ହେଉଛି, ତାହାର ଲିଖିତ ତଥ୍ୟ ରଖିବାକୁ ନିୟମ ରହିଛି। ହେଲେ ବିଭିନ୍ନ ସମୟରେ ଏହି ନିୟମ ପାଳନ ହେଉନଥିବାର ଦେଖିବାକୁ ମିଳୁଛି। ବଜାରରେ ଯିଏ ଚାହୁଁଛି ସିଏ ସହଜରେ ଏସିଡ଼ କିଣିପାରୁଥିବାବେଳେ ଏହାର କୌଣସି ହିସାବ ଦୋକାନୀଙ୍କ ପାଖରେ ରହୁନାହିଁ। ସେହିଭଳି ଏହି ଗ୍ରାହକଙ୍କର କୌଣସି ତଥ୍ୟ ମଧ୍ୟ ଦୋକାନୀ ରଖୁ ନଥିବା ଜଣାପଡ଼ିଛି। ଯାହାଫଳରେ ଯେତେବେଳେ ବି କୌଣସି ଅପରାଧ ଘଟୁଛି ପୋଲିସ ଅପରାଧୀ ବିଷୟରେ ସନ୍ଧାନ ପାଇବାରେ ହଇରାଣ ହେଉଛି।

ବର୍ତ୍ତମାନ ଯେକୌଣସି ବି ଅପରାଧ ହେଉ ଏହାକୁ ନେଇ ଅନେକ କଡ଼ା ନିୟମ ପ୍ରସ୍ତୁତ କରାଯାଉଛି। ଏହି ନିୟମ ଅପରାଧକୁ ରୋକିବାକୁ ତିଆରି କରାଯାଉଛି। ତେବେ ଏସିଡ଼ ଆଟାକକୁ ନେଇ ପୂର୍ବରୁ କୌଣସି ଅଲଗା ନିୟମ ଏଥିପାଇଁ ନଥିଲା। ଏହି ମାମଲା ୩୨୬ ଅଧୀନରେ ରେଜିଷ୍ଟର ହେଉଥିଲା। ଏହି ଧାରା ଅଧୀନରେ ଅପରାଧୀ ଉପରେ ଗମ୍ଭୀର ଭାବେ ଆହତ କରିବାର ମାମଲା ଲାଗୁଥିଲା। ହେଲେ ପରେ ଏଥିରେ ୩୨୬ ଏ ଓ ବି ଯୋଡ଼ା ଯାଇଥିଲା। ଯେଉଁ ଧାରା ଅଧୀନରେ ଏହାକୁ ଜାମିନ ରହିତ ଅପରାଧ ଭାବେ ଗଣାଯାଇଥିଲା। ଏହି ଅପରାଧ ଜଘନ୍ୟ ହୋଇଥିଲେ ଆଜୀବନ କାରାଦଣ୍ଡର ବିଧାନ ରହିଛି। ସେହିଭଳି ଅପରାଧୀ ଠାରୁ ଫାଇନ ଆଦାୟ କରି ପୀଡ଼ିତାଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି।

**ଗଙ୍ଗାଧର ସାମଲ**
**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୨୨୬୬୪୭**







■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଡିଜିଟାଲ ଡ୍ରଗ୍ସ

● ଡାକ୍ତର ସମ୍ରାଟ କର



ଡିଜିଟାଲ ଦୁନିଆ ପାଇଁ ଆମ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀ ଯେତିକି ସହଜ ହୋଇପାରିଛି, ଯୁବପିଢ଼ି ଓ ଶିଶୁଙ୍କ ଉପରେ ସେତିକି କୁପ୍ରଭାବ ପଡ଼ିଛି । ସାଧାରଣ ଜୀବନରେ ଏହା ଅନେକଙ୍କ ପାଇଁ ଏକ ଅତ୍ୟାବଶ୍ୟକତା ପାଲଟିଗଲାଣି । ଓଡ଼ିଆରେ ଏକ ଲୋକକଥା ଅଛି 'ଦେଖାଶିଖା ଓଡ଼ିଶା' । ଅର୍ଥାତ୍ ନଜାଣି ନବୁଝି ଆମ ପାଖରେ ଜଣେ ଯଦି ଏକ ଭିନ୍ନ ଆଚରଣ ବା ଢ଼ଙ୍ଗରଙ୍ଗ ଦେଖାଏ ଆମ୍ଭେମାନେ ସେହିପରି ନିଜକୁ ଅଭ୍ୟସ୍ତ କରାଇଲେ । କିଛିଦିନ ହେବ ବିଶେଷ ଭାବରେ ଟିନ୍ଏଜମାନେ ଦକ୍ଷିଣ କୋରିଆନ ମ୍ୟୁଜିକ ବ୍ୟାଣ୍ଡ ବିଟିଏସ୍ ପାଇଁ ପାଗଳ ହୋଇଉଠିଛନ୍ତି । କେବଳ ସଙ୍ଗୀତ ନୁହେଁ, ତାଙ୍କ ଭଳି ପୋଷାକ ପିନ୍ଧିବା ଏବଂ ତାଙ୍କର ଖାଦ୍ୟ ଶୈଳୀକୁ ଅନୁସରଣ କରୁଛନ୍ତି । ଏ କ୍ଷେତ୍ରରେ କିଛି ଜଣ ପିଲା ହସ୍ପିଟାଲରେ ମଧ ଭର୍ତ୍ତି ହୋଇଥିବାର ଖବର ମିଳିଛି । ଏହାକୁ ଆମ ମନସ୍ତାତ୍ତ୍ୱିକ ଭାଷାରେ ଡିଜିଟାଲ ଡ୍ରଗ୍ସ ବୋଲି ବୁଝାଯାଇଥାଏ । ଏହାକୁ 'ବାଇନୋରଲ୍ ବିଟ୍ସ' ବା 'ଅଡିଓ ଡ୍ରଗ୍ସ' ମଧ କୁହାଯାଏ । ପ୍ରକୃତରେ ଡିଜିଟାଲ ଡ୍ରଗ୍ସର ଅର୍ଥ ହେଉଛି, ଉଚ୍ଚ ଧ୍ୱନୀ ସମ୍ପନ୍ନ ସଙ୍ଗୀତ ଶୁଣିବାର ଏକ ଅଭ୍ୟାସ । ଯଦି ସେଭଳି ସଙ୍ଗୀତ ଶୁଣିବାକୁ ନମିଳେ, ତେବେ ଡ୍ରଗ୍ସ ଅଭାବରେ




ହେଉଥିବା ଲକ୍ଷଣ ଗୁଡ଼ିକ ଦେଖାଯାଏ । ଏହି ସଙ୍ଗୀତରେ ଦୁଇଟି ଭିନ୍ନ ଫ୍ରିକ୍ୱେନ୍ସିର ସଙ୍ଗୀତ ତରଙ୍ଗ କାନ ଦ୍ୱାରା ମସ୍ତିଷ୍କକୁ ଯାଇଥାଏ, ଯାହା ମନୋରଞ୍ଜନ କରେ । ଏହାକୁ ଶୁଣିବା ଦ୍ୱାରା ମାଦକଦ୍ରବ୍ୟ ଖାଇବା ଭଳି ଅନୁଭୂତ ହୁଏ । ସୋସିଆଲ ମିଡ଼ିଆରେ ଏଭଳି ସଙ୍ଗୀତର ଅଡ଼ିଓ ଓ ଭିଡ଼ିଓ ରହିଛି, ଯାହାକୁ ଶୁଣିବା ପରେ ଯୁବଗୋଷ୍ଠୀ ମାନସିକ ଅସୁସ୍ଥତାରେ ପୀଡ଼ିତ ହେଉଛନ୍ତି । ଏହି ମାନସିକ ଅସୁସ୍ଥତାର ଶିକାର ଅଧିକାଂଶ କେବଳ ଯୁବପିଢ଼ି ନୁହଁନ୍ତି କର୍ମଜୀବୀଙ୍କ ଭିତରେ ଏହା ବଢୁଥିବାରୁ ସେମାନଙ୍କ କର୍ମ ସଂସ୍ଥାନରେ ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନରେ ମଧ କେତେକ ବିଲକ୍ଷଣ ସୃଷ୍ଟି କରିବା ସ୍ୱାଭାବିକ । ପ୍ରାଥମିକ ଅବସ୍ଥାରେ ଏହି 'ବାଇନୋରଲ୍ ବିଟ୍ସ'ର ସହଜବ ଶିକାର ହେଉଥିବା ଲୋକମାନେ ପରବର୍ତ୍ତୀ ସମୟରେ ଉଚ୍ଚ ଫ୍ରିକ୍ୱେନ୍ସିର କେବଳ ସଂଗୀତ ନୁହେଁ କଥାବାର୍ତ୍ତା ଶୁଣିବାକୁ ଭଲପାଆନ୍ତି ଯାହାକି କେବଳ ଏକ ପ୍ରକାର ମାନସିକ ବିକାରତା ନୁହଁ ବରଂ ଏକ ସାମାଜିକ ବିକାରତା । କାରଣ ଉଚ୍ଚ ଧ୍ୱନୀ ବା ସଂଗୀତ କିମ୍ବା କଥାବର୍ତ୍ତା ଆପଣଙ୍କ ଆଖପାଖର ପରିବେଶକୁ ଖରାପ କରିଥାଏ । ଅନ୍ୟମାନଙ୍କ ପାଇଁ ଏହା ଶ୍ରୁତିକଟୁ ହେବା ମଧ ସ୍ୱାଭାବିକ ଏବଂ ଏହାକୁ ନେଇ ବେଳେ ବେଳେ କୌଣସି କୌଣସି ସ୍ଥାନରେ ଅଭାବନୀୟ ଘଟଣା ଘଟିବାର ନଜିର ମଧ ରହିଛି ।

ଗୋଟିଏ କାନରେ ୫୦୦ ହର୍ଜ ଏବଂ ଦ୍ୱିତୀୟ କାନରେ ୫୨୦ ହର୍ଜର ଫ୍ରିକ୍ୱେନ୍ସି ସଙ୍ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କରେ ଏକ ଅଡିଟରି ଇଲ୍ୟୁଜନ ସୃଷ୍ଟି ହୋଇଥାଏ । ଏହାପରେ ମସ୍ତିଷ୍କରୁ ଆସୁଥିବା ବାୟୋଫିଡ୍‌ବ୍ୟାକ ଦ୍ୱାରା ଶାନ୍ତି ଓ ଖୁସିର ଅନୁଭବ ହୁଏ । ଅନେକଥର ଏଭଳି ସଙ୍ଗୀତ ଶୁଣିବା ଦ୍ୱାରା ବ୍ୟକ୍ତି ଭାବୁକ ହୋଇଉଠେ, ଭୁଲ ଠିକର ବିଚାର କରିବାର ଶକ୍ତି ହରାଇବସେ, ନିଜ ଦୈନନ୍ଦିନ କାମରେ ରୁଚି ରଖେନାହିଁ, ହାତ ଗୋଡ଼ ଦୁର୍ବଳ ହେଲା ଭଳି ଅନୁଭବ ହୁଏ, ମାଂସପେଶୀ ଟାଣି



ହୋଇଗଲା ଭଳି ମନେହୁଏ । ତେଣୁ ଏହି ସଙ୍ଗୀତକୁ ଭାଙ୍ଗ ବିଟ୍ସ ମଧ କୁହାଯାଏ । ଯଦି ଏହି ସଙ୍ଗୀତ ଗୋଟିଏ ଦିନ ଶୁଣିବାକୁ ନ ମିଳେ, ତାହେଲେ ଆକ୍ରମଣାତ୍ମକ ବ୍ୟବହାର, ବ୍ୟସ୍ତ ବିବ୍ରତ ଚିନ୍ତାଧାରା, ଅସ୍ତବ୍ୟସ୍ତ ଲାଗିବା ଭଳି ଲକ୍ଷଣ ଦେଖାଯାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ ଡ୍ରଗ୍ସର ଅଭ୍ୟାବ କବଳରେ ୫.୩% କମ ବୟସର ପିଲାମାନେ ଅଛନ୍ତି । ଏହାକୁ ଦୂର କରିବା ପାଇଁ ମନୋଚିକିତ୍ସକଙ୍କ ପରାମର୍ଶ ସହ ସିବିଟି (କଗ୍ନିଟିଭ ବିହେଭିଅର ଥେରାପି) ନେବା ଉଚିତ । ପିଲାମାନେ ଏଥିରେ ଏପରି ଆସକ୍ତ ହୋଇପଡ଼ିଥାନ୍ତି ଯେ ସେମାନେ କେବଳ ନିଜ ପାଠପଢ଼ା ନୁହେଁ ନିଜ ଖାଇବା ପିଇବାକୁ ମଧ ଏକ ପ୍ରକାର ଭୁଲି ଯାଇଥାନ୍ତି । ସେମାନଙ୍କ ଶରୀରିକ ଅଭିବୃଦ୍ଧି ଓ ସୃଜନଶୀଳତା ସବୁକିଛି ବାଧାପ୍ରାପ୍ତ ହୋଇଥାଏ । ସେହିପରି ଆପଣଙ୍କ ନିତିଦିନିଆ ଜୀବନରେ ଅତ୍ୟଧିକ ସମୟ କାନରେ ହିୟରିଂଏଡ୍ ଦେଇ ସଙ୍ଗୀତ ଶୁଣିବା ହେଉ ବା ମୋବାଇଲ ବ୍ୟବହାର ଏହା ଖରାପ ନିଶ୍ଚୟ । ଏହା କାନକୁ ପ୍ରଭାବିତ କରିବା ସହ ଜଣକୁ ନିଜେ ଉପସ୍ଥିତ ଥିବା ସ୍ଥାନ ଠାରୁ ଏକ ପ୍ରକାର ଅସ୍ୱାଭାବିକ କରିଦିଏ ଯାହାପାଇଁ କି ଅନେକ ସମୟରେ ଦୁର୍ଘଟଣାର ଅଘଟଣ ସୃଷ୍ଟି କରିଥାଏ । ଅନେକ ଏହାକୁ ନିଜ ଭୋକଶୋଷ ଭୁଲି କାମଧନ୍ଦାକୁ ଅବହେଳା କରିଥାନ୍ତି । ସେମାନଙ୍କ ଜୀବନର ରୁଟିନ ଏକ ଭିନ୍ନ ଢ଼ଙ୍ଗରେ ଚାଲିଥାଏ । ଘଣ୍ଟା ଘଣ୍ଟା ଧରି ଏହା କାନରେ ରହିବା ଦ୍ୱାରା ପ୍ରଥମତଃ ଜଣଙ୍କ ଏକାଗ୍ରତା ନଷ୍ଟ ହୋଇଥାଏ ଦ୍ୱିତୀୟତଃ ଏହା ଆପଣଙ୍କ ପରବର୍ତ୍ତୀ ସମୟରେ ଶ୍ରବଣ ଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ । ବିଶେଷକରି କାନ ଝିଲ୍ଲୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ମଧ ରହିଥାଏ । ପରବର୍ତ୍ତୀ ସମୟରେ ଏହା ଅନେକ ଅସୁବିଧାର କାରଣ ହୋଇଥାଏ । ଅନେକ ଏହାପରେ ବିଭିନ୍ନ ନିଶା ସେବନର ଅଭ୍ୟାସ କରିଥାନ୍ତି, ସଠିକ ସମୟରେ ନିଦ ହୋଇ ନଥାଏ ଏବଂ ଜଣେ ଅଯଥାରେ ଅନ୍ୟମାନଙ୍କ ଉପରେ ଚିଡ଼ଚିଡ଼ା ବ୍ୟବହାର ମଧ ଦେଖାଇଥାଏ । ତେଣୁ ଏହାଠାରୁ ଦୂରେଇବା ସବୁଠାରୁ ଭଲ । ଜଣଙ୍କ ଜୀବନରେ ଯେତିକି ସମୟ ଆବଶ୍ୟକ ପଡୁଛି ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ରୁହନ୍ତୁ ଏବଂ ମନେରଖନ୍ତୁ ଯେ, ଆପଣଙ୍କର ବି ଜୀବନ ଅଛି, ଆପଣଙ୍କର କର୍ମ ସଂସ୍ଥାନ ଅଛି ଏବଂ ଘର ପରିବାର ବି ଅଛି । ଏସବୁ ଭିତରେ ଭାରସାମ୍ୟ ରଖନ୍ତୁ । ଏ କ୍ଷେତ୍ରରୁ ଯଥା ସମ୍ଭବ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ । ପ୍ରଥମତଃ ନିଜ ସମୟ ଓ କାର୍ଯ୍ୟ ନିର୍ଘଣ୍ଟ ସହ ଆପଣଙ୍କ ପ୍ରତିଦିନର ରୁଟିନ ବନ୍ଧା ଜୀବନକୁ ଦେଖନ୍ତୁ । ଏହା ଯେପରି ଅନ୍ୟ ମାନଙ୍କ ପାଇଁ ବିରକ୍ତିକର ଓ ଶ୍ରୁତିକଟୁ ନହୁଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ । କେହି କେହି କେବଳ ଶାରୀରିକ କ୍ରୀଡ଼ା କୌଶଳ, ବ୍ୟାୟାମ ବା ଜଗିଂ ବା ମର୍ଣ୍ଣିଂଓ୍ୱାର୍କ ନୁହେଁ ବରଂ ଯୋଗ ପ୍ରାଣାୟମ ସମୟରେ ମଧ ଏହାର ସାହାରା ନେଇଥାନ୍ତି ଯାହାକି ଆଦୌ ଠିକ ନୁହେଁ । ଏହା ଯେପରି ଆପଣଙ୍କ ସର୍ବନିମ୍ନ ଖାଇବା ପିଇବା ଓ ବିଶ୍ରାମକୁ ଅସଜଡ଼ା ନକରେ ସେ ଦିଗ ପ୍ରତି ସତର୍କ ରୁହନ୍ତୁ । କାରଣ ଅନେକଙ୍କ ଏହି କୁଅଭ୍ୟାସ କେବଳ ଘର ପରିବାରର ଜୀବନ ନୁହେଁ ସେମାନଙ୍କ କର୍ମମୟ ବା କର୍ମ ସଂସ୍ଥାନର କ୍ଷେତ୍ରକୁ ପ୍ରଭାବିତ ମଧ କରିଥାଏ । ଆପଣଙ୍କ ସର୍ବନିମ୍ନ ଦୂରତାରେ କୌଣସି ଗୀତ ସଂଗୀତ ଭିତରେ ଯୋଗ ପ୍ରାଣାୟମ ବା ଅନ୍ୟ କାର୍ଯ୍ୟ କରିପାରନ୍ତି ଏହା ଏକ ଭଲ ଅଭ୍ୟାସ କିନ୍ତୁ ଆପଣଙ୍କ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସହ ଜୀବନ ଚେତନାକୁ ଯେପରି ଏହା ଦୁଃଖଦର କାରଣ ନହୁଏ ଆପଣ ଏହାକୁ ବିଚାର କରି ଜୀବନକୁ ପ୍ରସ୍ତୁତ କରନ୍ତୁ ।







**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,**
**ପୁରୀଘାଟ ରୋଡ଼, କଟକ,**
**ଦୂରଭାଷ : ୯୧୩୨୪୩୩୩୩୩**

ମହକ

# କଳା, ସାହିତ୍ୟ, ସଂସ୍କୃତି ଓ ସେବାର ମହାମିଳନ : ପ୍ରଣମ୍ୟ ଗୁରୁ ଅଭୟ କୁମାର ଶତପଥୀ

ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ, ସୈକ୍ଷିକ ବାତାବରଣ ପୁଣି ବିଦ୍ୟାର୍ଥୀ ମାନଙ୍କର ଶିକ୍ଷା ଗ୍ରହଣ ବ୍ୟବସ୍ଥା ଆଦିର ସମସ୍ତ ଦିଗରୁ ବିଚାର କଲେ କଲେ ମନରେ ସ୍ୱତଃ ଜାଗ୍ରତ ହୁଏ ସେହି ସତ୍ୟବାଦୀ ପୀଠରେ ଗଠିତ ହୋଇ ଥିବା ପଞ୍ଚସଖାଙ୍କ ସତ୍ୟବାଦୀ ବନବିଦ୍ୟାଳୟ କଥା ଓ ଗାଥା ଯାହା ଆଜି ସ୍ମୃତି ହୋଇ ରହି ଯାଇଛି। ବାସ୍ତବରେ କି ସୁନ୍ଦର ଆଦର୍ଶ ମହତ୍ ଚିନ୍ତାଧାରା ସନ୍ନିହିତ ମଣିଷ ଗଢା କାରଖାନାଟିଏ ଗଠନ କରିଥିଲେ ସେହି ବରେଣ୍ୟ ପଞ୍ଚସଖା ବର୍ଗ। ସେହିପରି ଆମ ସମୟର ଆଦର୍ଶ କୃତୀ ଶିକ୍ଷକ, ନାଟ୍ୟ ନିର୍ଦ୍ଦେଶକ, କଳାକାର ହେଉଛନ୍ତି ଅଭୟ କୁମାର ଶତପଥୀ (ଅଭିମାଷ୍ଟ୍ରେ)। ପିତା ଗାନ୍ଧିବାଦୀ ସ୍ୱର୍ଗତ ମଥୁରୀ ଶତପଥୀ, ମାତା ଧର୍ମପ୍ରାଣା କମଳା ଦେବୀଙ୍କ ଯୋଗ୍ୟ ସନ୍ତାନ ଭାବେ ୧୯୪୬ ମସିହାରେ ଯାଜପୁର ଜିଲ୍ଲା ବରୀ ବ୍ଲକ ଉପକଣ୍ଠ ଚନ୍ଦନପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ, ଏହି ସାରସ୍ୱତ ସାଧକ ଜଣକ। ବରେଣ୍ୟ ଗୁରୁ ଅଭୟଜୀ ଏକାଧାରରେ ଜଣେ ଉଚ୍ଚକୋଟୀର ସାହିତ୍ୟିକ, ଦକ୍ଷ ସଂଗଠକ, ଲୋକପ୍ରିୟ କଳାକାର, କ୍ରୀଡାବିତ୍, ପଶୁପ୍ରେମୀ, ସମାଜ ସଂସ୍କାରକ, ଆଦର୍ଶ ଶିକ୍ଷକ,ନାଟ୍ୟକାର ଆଉ ସମାଜସେବୀ। ତାଙ୍କ ବାଲ୍ୟଶିକ୍ଷା ଚାଟଶାଳୀ ଗୁରୁ ସର୍ବଶ୍ରୀ ବୈଷ୍ଣବ ଚରଣ ଶତପଥୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରି ବାଣୀଶ୍ରୀ






ମୌଳିକ ବିଦ୍ୟାଳୟ ରାମଚନ୍ଦ୍ରପୁରରୁ ଦ୍ୱାଦଶ ପାଠ୍ୟକ୍ରମ ଶେଷ କରିଥିଲେ। ସମାଜସେବା ଆଉ କଳାପ୍ରତି ଅନୁରାଗ ଥିବା ଏହି ପ୍ରତିଭା ଅଧୁନା ନିଜ ଗ୍ରାମରେ ସମାଜସେବା, ଯୁବ ସଚେତନତା, ଗ୍ରାମର ତଥା ଆଖପାଖ ଅଞ୍ଚଳର କଳାର ବିକାଶ, ପଥପ୍ରାନ୍ତ ନାଟକ ପରିବେଷଣ, ପୂଜ୍ୟପୂଜା ଆଦି ଅନେକ ରାଷ୍ଟ୍ର ନିର୍ମାଣ ତଥା ବିକାଶ ମୂଳକ କାର୍ଯ୍ୟରେ ସେ ଉତ୍ସର୍ଗୀକୃତ। ତାଙ୍କ ପ୍ରତି ମା ସରସ୍ୱତୀଙ୍କ ଆଶ୍ରିବାଦ ରହିଛି ସେ ଆଶୁ କବି ଆଉ ଚିର ସବୁଜର ସଫଳ ବ୍ୟକ୍ତିତ୍ୱ। ଏପରିକି ଚତୁର୍ଥ ଶ୍ରେଣୀରେ ପଢୁଥିବା ସମୟରେ ଗଣେଶ ଚତୁର୍ଥୀ ଉତ୍ସବ ଉପଲକ୍ଷେ ମାଣିକ ଯୋଡ଼ି ନାଟକରେ ଅଂଶ ଗ୍ରହଣ କରି ସଫଳତା ଅର୍ଜନ କରିଥିଲେ। ଶିକ୍ଷକତା ସମୟରେ ତାଙ୍କ ପାଠ ପଢାଇବା ଶୈଳୀ ସଂପୂର୍ଣ୍ଣ ନିଆରା, ସାଧାରଣ ବିଦ୍ୟାର୍ଥୀଟିଏ କିପରି ଠିକଭାବେ ଶିକ୍ଷାଲାଭ କରିପାରିବ ସେ ଦିଗରେ ସେ ସଦା ତତ୍ପର ଏବଂ ତାଙ୍କ ନିର୍ଦ୍ଦେଶନା ଶୈଳୀ ଖୁବ୍ ଉଚ୍ଚମାନର ଆଉ ଗ୍ରହଣୀୟ। ବିଭିନ୍ନ ସଭା ସମିତିରେ ତାଙ୍କ ଓଜସ୍ୱନୀ ବକ୍ତୃତା, ସଂଗୀତ ମାଧ୍ୟମରେ ଭାଷଣ ପ୍ରଦାନ ଖୁବ୍ ପ୍ରେରଣାଦାୟୀ ଓ ତାଙ୍କ ମହତ




ଲେଖନୀ ସୁଦୂର ପ୍ରସାରୀ । ଖାଲି ଜଣେ କଳା ପ୍ରେମୀ ମାନବ ଭାବେ ପୂଜ୍ୟପାଦ ଅଭୟ ଗୁରୁଜୀ ସୀମିତ ନୁହଁନ୍ତି ବିଦ୍ୟାର୍ଥୀ ମାନଙ୍କର ଚରିତ୍ର ଗଠନ, ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପୂର୍ଣ୍ଣ ବିକାଶ ସାଧନ, ଆଦର୍ଶ ବିଦ୍ୟାର୍ଥୀ ନିର୍ମାଣକୁ ଲକ୍ଷ୍ୟକରି ସେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ବିଦ୍ୟାର୍ଥୀ ମାନଙ୍କ ଉନ୍ନତି ଦିଗରେ ସବୁ ସମୟରେ ଚିନ୍ତା କରିବା, ସେମାନଙ୍କୁ ଉତ୍ସାହିତ କରିବା ସହ ଅନ୍ୟ ଅଭିଭାବକ ବା ସଙ୍ଗଠନ ମାନଙ୍କୁ ଏହି ସବୁ ଦିଗରେ ଅଧିକ ସଚେତନ ହେବାକୁ ପରାମର୍ଶ ଦିଅନ୍ତି। ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ବ୍ଲକ କଳା ସଂସ୍କୃତି ସଂଘ, ଘୋଡ଼ା ନାଚ, ମାନବାଧିକାର କମିଶନ ଜରିଆରେ ମଧ୍ୟ ମାନବ ଜାତିର ଅଧିକାର ସୁରକ୍ଷା ଉପରେ ନାଟକ ପରିବେଷଣ, ଆଦିବାସୀ ନୃତ୍ୟ ଆଦି ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରିବା, ଉପାନ୍ତ ଅଞ୍ଚଳରେ ଏହି ଦିଗରେ କାର୍ଯ୍ୟ କରିବାରେ ସେ ଆଗ ଧାଡ଼ିର ଜଣେ ସୃଜନଶୀଳ ସଫଳ ସ୍ରଷ୍ଟା। ବହୁ ଯାତ୍ରା, ଗୀତିନାଟ୍ୟ ମାନଙ୍କରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ଖୁବ୍ ପ୍ରତିଷ୍ଠା ଅର୍ଜନ କରିଛନ୍ତି। କଳା, ସାହିତ୍ୟ, ସଂସ୍କୃତିର ବିକାଶ ତଥା ପୁନରୁଦ୍ଧାର ଦିଗରେ ତାଙ୍କ ନେତୃତ୍ୱରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ଗ୍ରାମ୍ୟ ଯାତ୍ରା କମିଟି ଆଦି ଏହି ଦିଗରେ ଆଜି ଗବେଷଣାରତ ସେ ଅନେକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ଆଉ ସେ ଅଞ୍ଚଳ ପାଇଁ ଚିରସବୁଜ ବ୍ୟକ୍ତିତ୍ୱ। ତାଙ୍କ ସାଧନର ସଫଳତା ନେଇ ସେ ଅନେକ ପୁରସ୍କାର ଓ ଲାଭ ସହ ୧୯୯୪ ମସିହାରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଠାରୁ ଶ୍ରେଷ୍ଠ ନିର୍ଦ୍ଦେଶକ ପ୍ରମାଣପତ୍ର ପାଇଥିଲେ। ସବୁଠାରୁ ବଡ କଥା ହେଲା ସେ ପରିଣତ ବୟସରେ ଏବେବି ମଧ୍ୟ ଖୁବ୍ ଚଳଚଞ୍ଚଳ। ସାଇକେଲ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ହେଇଛନ୍ତି। ସେ ସମାଜ ବିକାଶରେ ସଦା ଜାଗ୍ରତ ଓ ଉଦାହରଣୀୟ ବ୍ୟକ୍ତିତ୍ୱ। ରାଜ୍ୟର ବିଭିନ୍ନ ସଙ୍ଗଠନ ବିଶେଷ କରି ସାମାଜିକ ସଙ୍ଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଓଡ଼ିଶା (ବିସିଟି) ଦ୍ୱାରା ଆୟୋଜିତ ରକ୍ତଦାନ ସଚେତନତା ଉପରେ ନିୟମିତ ନାଟକ ପରିବେଷଣ କରି ଜନସେବା ଉପରେ ଜନଜାଗରଣ ଆଣି ପାରିଛନ୍ତି ଯାହାକି ଆମ ସମୟ ପାଇଁ ଏକ ଆହ୍ୱାନ। ଜୀବନ ସାଧନା ଉପରେ ତାଙ୍କୁ ପଚାରିଲେ ସେ କୁହନ୍ତି ଚାଲୁଥିବି ଚାଲୁଥିବି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ। ଯେକୌଣସି ସେବାକାର୍ଯ୍ୟ, ଜନସଚେତନତା ବାର୍ତ୍ତା ପ୍ରଚାର ପ୍ରସାର ଆଦି ମାନବୀୟ କାର୍ଯ୍ୟରେ ବିଭିନ୍ନ ସଂଗଠନ ଗୁରୁଶ୍ରୀ ଅଭୟ ସାରଙ୍କୁ (୭୨୦୫୦୪୦୮୩୦) ଯୋଗାଯୋଗ କରି ସହଯୋଗ ପାଇ ପାରିବେ। ପୂଜ୍ୟପାଦ ଗୁରୁଙ୍କ ସ୍ୱପ୍ନ ଆଉ ସମ୍ଭାବନାର ଭାରତବର୍ଷ ହେଉ ସମାଲବ୍ଧ ଆଉ ଶୁଭଙ୍କର ତାଙ୍କ ଆଦର୍ଶ, କଳା ସାଧନା ପ୍ରତ୍ୟେକ ବିଦ୍ୟାର୍ଥୀ ବା ସାଧାରଣ ଜନତା ଅନୁସରଣ କରନ୍ତୁ ଏତିକି ଆଶାକରୁ।



## ଏହି ସପ୍ତାହ, ସେହି ବର୍ଷ (ଜାନୁଆରୀ ୫-୧୧)

### ଏଇ ସପ୍ତାହ




୫ ଜାନୁଆରୀ, ୧୯୭୧-ପ୍ରଥମ ଏକଦିବସୀୟ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ମେଲବୋର୍ଣ୍ଣ ଠାରେ ଖେଳା ଯାଇଥିଲା।




୬ ଜାନୁଆରୀ, ୧୯୨୯-ମଦର ଟେରେସା ରୋଗୀ ଓ ଗରିବମାନଙ୍କ ସେବା ପାଇଁ କୋଲକାତାରେ ପହଞ୍ଚିଥିଲେ।



୭ ଜାନୁଆରୀ, ୨୦୦୩-ଜାପାନ, ବିକାଶ କାର୍ଯ୍ୟରେ ସାହାଯ୍ୟ ପାଇଁ ୯୦ କୋଟି ଡଲାର ସାହାଯ୍ୟ ଘୋଷଣା କରିଥିଲା।



୮ ଜାନୁଆରୀ, ୧୭୯୦-ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନ ପ୍ରଥମ ଥର ଦେଶକୁ ସମ୍ବୋଧିତ କରିଥିଲେ।



୯ ଜାନୁଆରୀ, ୨୦୧୨-ଲିଓ୍ୱେନେଲ୍ ମେସୀ ଲଗାତର ଦ୍ୱିତୀୟ ବର୍ଷ ଫିଫାର ବ୍ୟାଲୋନ୍ ଡି' ଅର୍ (ସର୍ବଶ୍ରେଷ୍ଠ ଫୁଟବଲର୍) ପୁରସ୍କାର ଜିତିଥିଲେ।



୧୦ ଜାନୁଆରୀ, ୧୮୬୩-ଲଣ୍ଡନ ଠାରେ ବିଶ୍ୱର ପ୍ରଥମ ଭୂମିଗତ ରେଳସେବା ଆରମ୍ଭ ହୋଇଥିଲା।



୧୧ ଜାନୁଆରୀ, ୧୯୫୫-ଆମ ଦେଶରେ ଖବରକାଗଜ ପାଇଁ ଉଦ୍ଦିଷ୍ଟ ପେପର୍ ତିଆରି ପ୍ରାରମ୍ଭ ହୋଇଥିଲା।



ଭାରତୀୟ ଚଳଚ୍ଚିତ୍ରର ନିର୍ଦ୍ଦେଶକ, କାହାଣୀ ଲେଖକ ତଥା ପ୍ରାମାଣିକ ଚଳଚ୍ଚିତ୍ରର ନିର୍ମାତା ଶ୍ୟାମ ବେନେଗଲ ଆଉ ନାହାଁନ୍ତି। ତାଙ୍କୁ ସମାନ୍ତରଳ ସିନେମାର ଅଗ୍ରଦୂତ ଭାବେ ବିବେଚନା କରାଯାଏ। ସତୁରୀ ଦଶକ ପୂର୍ବରୁ ସେ ଅନ୍ୟତମ ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ନିର୍ମାତା ଭାବେ ଖ୍ୟାତି ଅର୍ଜନ କରିଥିଲେ। ସର୍ବାଧିକ ଥର ଜାତୀୟ ପୁରସ୍କାର ଜିତିବାରେ ଶ୍ୟାମ ବେନେଗଲଙ୍କର ରେକର୍ଡ଼ ରହିଛି। ତାଙ୍କ ନାମରେ ମୋଟ ୧୮ଟି ଜାତୀୟ ପୁରସ୍କାର ଅଛି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ପୁସ୍ତକ 'ଡିସକଭରି ଅଫ ଇଣ୍ଡିଆ'କୁ ନେଇ ବେନେଗଲଙ୍କ ଧାରାବାହିକ 'ଭାରତ ଏକ ଖୋଜ' ୧୯୮୮ରେ ବେଶ ଲୋକପ୍ରିୟ ହୋଇଥିଲା। ଦୂରଦର୍ଶନରେ ଏହାର ୫୩ଟି ଅଧ୍ୟାୟ ପ୍ରସାରଣ ହୋଇଥିଲା। ତାଙ୍କ ନିର୍ଦ୍ଦେଶିତ ଧାରାବାହିକ 'ଯାତ୍ରା' ଓ 'କଥାସାଗର' ମଧ୍ୟ ତାଙ୍କୁ ଆଦୃତି ଦେଇଥିଲା। ଅଙ୍କୁର ୧୯୭୪, ନିଶାନ୍ତ ୧୯୭୫, ମନ୍ଥନ ୧୯୭୬ ଏବଂ ଭୂମିକା ୧୯୭୭ ଭଳି ଫିଲ୍ମ ପାଇଁ ତାଙ୍କୁ ବିଶେଷ ପ୍ରସିଦ୍ଧି ମିଳିଥିଲା।


# ଶ୍ୟାମ ବେନେଗଲ୍ : ଭାରତୀୟ ଚଳଚ୍ଚିତ୍ରର ଅଗ୍ରଦୂତ

ସମ୍ବିଧାନ ଉପରେ ଟିଭି କାର୍ଯ୍ୟକ୍ରମକୁ ଏକ ରୋମାଞ୍ଚକ ଅନୁଭବ ଦର୍ଶାଇ ବେନେଗଲ କହିଥିଲେ, ଏହା ଏଥିପାଇଁ ରୋମାଞ୍ଚକ ଥିଲା କାରଣ ଆମ ପୂର୍ବଜମାନେ ଏହି ସମ୍ବିଧାନ ପ୍ରସ୍ତୁତି ପାଇଁ ତିନି ବର୍ଷ ନେଇଥିଲେ। ଏହାକୁ ପ୍ରସ୍ତୁତ କରିବା ଲାଗି ସଂସଦରେ ବିତର୍କ ହେଉଥିଲା, ଯେଉଁଥିରେ ଅନେକ ଡ୍ରାମା ଥିଲା। ସମ୍ବିଧାନ ନିର୍ମାଣର କାହାଣୀ ଏକ ଉପନ୍ୟାସ ବା ନାଟକ ଭଳି ଥିଲା। ଫିଲ୍ମ ଜଗତରେ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେନେଗଲଙ୍କୁ ୧୯୭୬ରେ ପଦ୍ମଶ୍ରୀ ଓ ୧୯୯୧ରେ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ତାଙ୍କୁ ୨୦୦୭ରେ ଭାରତୀୟ ସିନେମାର ସବୁଠୁ ବଡ଼ ସମ୍ମାନ ଦାଦାସାହେବ ଫାଲକେ ପୁରସ୍କାର ବି ମିଳିଥିଲା।



୧୯୩୪ ଡିସେମ୍ବର ୧୪ରେ ହାଇଦ୍ରାବାଦରେ ଶ୍ୟାମ ବେନେଗଲଙ୍କ ଜନ୍ମ। ତାଙ୍କ ବାପା ଶ୍ରୀଧର ବି. ବେନେଗଲ ଫଟୋଗ୍ରାଫି କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିଲେ। ମାତ୍ର ୧୨ ବର୍ଷ ବୟସରେ ଶ୍ୟାମ ବାପା ଦେଇଥିବା କ୍ୟାମେରାରେ ପ୍ରଥମ ଫିଲ୍ମ ନିର୍ମାଣ କରିଥିଲେ। ହାଇଦ୍ରାବାଦର ଓସମାନିଆ ୟୁନିଭରସିଟିରୁ ସେ ଅର୍ଥନୀତିରେ ଏମ.ଏ ଡିଗ୍ରୀ ହାସଲ କରିଥିଲେ। ସେ ହାଇଦ୍ରାବାଦ ଫିଲ୍ମ ସୋସାଇଟି ପ୍ରତିଷ୍ଠା କରିଥିଲେ। ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଗୁରୁଦତ୍ତଙ୍କ ଆଈମା ଏବଂ ଶ୍ୟାମଙ୍କ ଜେଜେମା ଦୁଇ ଭଉଣୀ ହୋଇଥିବାରୁ ଦତ୍ତ ଏବଂ ଶ୍ୟାମ ସମ୍ପର୍କୀୟ ଭାଇ ଥିଲେ।


ତାଙ୍କର ପ୍ରଥମ ଚାରଟି ଫିଚର ଫିଲ୍ମ ଅଙ୍କୁର (୧୯୭୩), ନିଶାନ୍ତ (୧୯୭୫), ମନ୍ଥନ ୧୯୭୬) ଏବଂ ଭୂମିକା (୧୯୭୭) ତାଙ୍କୁ ସେହି ସମୟରେ ଚଳଚ୍ଚିତ୍ର ଜଗତରେ ପରିବର୍ତ୍ତନର ଏକ ନୂଆ ଧାରା ଆଣିଥିଲା। ମମ୍ମୋ (୧୯୯୪), ସର୍ଦ୍ଦାରୀ ବେଗମ (୧୯୯୬) ଏବଂ ଜୁବେଇଦା (୨୦୦୧) ସର୍ବଶ୍ରେଷ୍ଠ ହିନ୍ଦୀ ଫିଚର ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇଥିଲା। ଶ୍ରେଷ୍ଠ ହିନ୍ଦୀ ଫିଚର ଫିଲ୍ମ ପାଇଁ ସେ ସାତଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ୨୦୧୮ରେ ତାଙ୍କୁ ଭି.ଶାନ୍ତାରାମ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ଼ ମିଳିଥିଲା। ଫେଡେରେଶନ ଅଫ ଫିଲ୍ମ ସୋସାଇଟି ଅଫ ଇଣ୍ଡିଆର ସେ ଅଧ୍ୟକ୍ଷ ରହିବା ସହ ସହାଦ୍ରୀ ଫିଲ୍ମ ନାମରେ ତାଙ୍କର ଏକ ପ୍ରଡକ୍ସନ କମ୍ପାନୀ ଥିଲା। ବଲିଉଡରେ ଅନେକ ପ୍ରତିଭାବାନ କଳାକାରଙ୍କୁ ତିଆରି କରିବାରେ ଶ୍ୟାମ ବେନେଗଲଙ୍କର ଭୂମିକା ରହିଛି।




ଅଭିନେତ୍ରୀ ଶବାନା ଆଜମୀ, ସ୍ମିତା ପାଟିଲ, ଅଭିନେତା ନାସିରୁଦ୍ଦିନ ଶାହା, ଓମ୍ ପୁରୀ, ଅନନ୍ତ ନାଗ, ଅମରୀଶ ପୁରୀ ପ୍ରମୁଖଙ୍କ ସଫଳତା ପଛରେ ବେନେଗଲଙ୍କ ଶ୍ରେୟ ଦିଆଯାଇଥାଏ।


ଶ୍ୟାମ ବେନେଗଲଙ୍କ ନିର୍ଦ୍ଦେଶିତ ଶେଷ ଫିଲ୍ମ ଥିଲା ମୁଜିବ. ଦି ମେକିଙ୍ଗ ଅଫ ଏ ନେଶନ। ୨୦୨୩ ଅକ୍ଟୋବରରେ ରିଲିଜ ହୋଇଥିବା ଏହି ଫିଲ୍ମ ବଙ୍ଗଳାଦେଶର ପ୍ରତିଷ୍ଠାତା ଶେଖ ମୁଜିବୁର ରେହମାନଙ୍କ ଉପରେ ଆଧାରିତ ରହିଥିଲା। ତାଙ୍କ କାହାଣୀ ଭାରତୀୟ ସିନେମା ଉପରେ ଗଭୀର ପ୍ରଭାବ ପକାଇଥିଲା। ତାଙ୍କ କାର୍ଯ୍ୟ ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ଦ୍ୱାରା ସବୁଦିନ ପ୍ରଶଂସିତ ହେବ।

**ନାଟ୍ୟ ସାରଥି ଅଭୟ କୁମାର ଦାସ**
**ଗୋତରା, ମାହାଙ୍ଗା, କଟକ**



ଭେଟ

# ହୀନମନ୍ୟତାରେ ଶିକାର ନହୋଇ ଜ୍ଞାନ ପିପାସୁ ହେବା ଉଚିତ



**ଡ.ଅଜୟ କୁମାର ପାତ୍ର**

ଜନ୍ମ: ୨ ଜାନୁଆରୀ ୧୯୫୨
ଜନ୍ମସ୍ଥାନ: ନୟାପାଲ୍ଲୀ, ବାଲେଶ୍ୱର
ବର୍ତ୍ତମାନ ଠିକଣା: ପ୍ଲଟ-୩୩୩୪,
ଚକେଇସିଆଣି, ଭୁବନେଶ୍ୱର

**ପ୍ରକାଶିତ ପୁସ୍ତକ:**

ରିଜୋନେନ୍ସ ଅଫ୍ ଲାଇଫ୍, ୱିମେନ ଲଭ ଷ୍ଟୋରୀ, ୱିମେନ ଲଭ ଟ୍ରାଜେଡି, କୃପାଞ୍ଜଳି, ପୁଷ୍ପାଞ୍ଜଳି, ଇନସ୍ପାୟାରିଂ ଲାଇଟ୍, ରାଇଜିଂ ୱିମେନ, କ୍ରାପିୟସ୍ ହାର୍ଟ, ରେଷ୍ଟଲେସ୍ ୱିଇଣ୍ଡ, ବିଶ୍ୱ ପ୍ରକୃତି, ପ୍ରକୃତିର ବିଳାପ, ବଣମଲ୍ଲୀର ମହକ, ରାଜନୀତିର ବିଶ୍ୱକର୍ମା, କବିତା ମଞ୍ଜରୀ, କବିତା ପିୟୁଷ ଭଳି ଓଡ଼ିଆ ଓ ଇଂରାଜୀରେ ୩୩ଟି ସଂକଳନ ପ୍ରକାଶିତ।

ଓଡ଼ିଶାର ଅନେକ ବ୍ୟକ୍ତିତ୍ୱ ରହିଛନ୍ତି, ଯେଉଁମାନେ ନିରବ ସାଧକ ଭାବରେ ଉଲ୍ଲେଖନୀୟ କାର୍ଯ୍ୟ କରି ଦେଶ ଓ ଜାତି ଉଦ୍ଦେଶ୍ୟରେ ନିଜ ଜୀବନର ସିଂହଭାଗକୁ ଅର୍ପଣ କରିଛନ୍ତି। ସେଭଳି ଜଣେ ବ୍ୟକ୍ତିତ୍ୱ ହେଲେ ପ୍ରଫେସର(ଡ)ଅଜୟ କୁମାର ପାତ୍ର। ପ୍ରାଣୀ ବୈଜ୍ଞାନିକ ଭାବରେ ଓଡ଼ିଶାର ବେଶ ଜଣାଶୁଣା। ଜଣେ ପ୍ରଫେସର ଭାବରେ ହଜାର ହଜାର ଶିକ୍ଷାର୍ଥୀଙ୍କୁ ଯେଉଁ ସୋପାନରେ ସେ ପହଞ୍ଚାଇଦେଇଛନ୍ତି, ଆଧୁନିକ ଯୁଗର ଜଣେ ଦ୍ରୋଣାଚାର୍ଯ୍ୟ କହିଲେ ଭୁଲ ହେବନାହିଁ। ପ୍ରଥମେ ନୟାଗଡ଼ କଲେଜରେ ଅଧ୍ୟାପକ ଭାବରେ କର୍ମମୟ ଜୀବନ ଆରମ୍ଭ କରିବା ପରେ ଗଙ୍ଗାଧର ମେହେର କଲେଜ ସମ୍ବଲପୁର, ଧରଣୀଧର କଲେଜ କେନ୍ଦୁଝର, ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଅବସର ଗ୍ରହଣ କରିବା ପରେ ଲେଖାଲେଖିରେ ଅଧିକ ମନୋନିବେଶ କରି ଅଦ୍ୟାବଧି ଲେଖନୀ ଚାଲୁ ରଖିଛନ୍ତି। ୟୁଜିସ୍ ପକ୍ଷରୁ ଏମେରିଟସ୍ ଫେଲୋସିପ୍ ଗ୍ରହଣ କରି ନିଜ କର୍ମମୟ ଜୀବନର ଏକ ଗୌରବୋଜ୍ୱଳ ଅଧ୍ୟାୟ ଯୋଡ଼ି ପାରିଛନ୍ତି। ଏହା ବ୍ୟତୀତ ଆନ୍ତର୍ଜାତୀୟ ବିଜ୍ଞାନ ସମ୍ମିଳନୀ ଦ୍ୱାରା ଦୁଇଥର ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। କୋଲକାତା ବିଶ୍ୱବିଦ୍ୟାଳୟ ଦ୍ୱାରା ଜୀବନ ବ୍ୟାପି ଗବେଷଣା ପାଇଁ ପୁରସ୍କୃତ ହୋଇଛନ୍ତି। ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ବରିଷ୍ଠ ବୈଜ୍ଞାନିକ ପୁରସ୍କାର ଓ ଓଡ଼ିଶା ପରିବେଶ ସମାଜ ଦ୍ୱାରା ବିସି ପଣ୍ଡା ପୁରସ୍କାରରେ ଭୂଷିତ ହୋଇଛନ୍ତି। ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଜ ଅଧିନରେ ସମୁଦାୟ ୫୨ଜଣ ଗବେଷକ ନିଜର ପିଏଚ୍‌ଡି ଡିଗ୍ରୀ ଓ ଡିଏସ୍‌ସି ହାସଲ କରିଛନ୍ତି।

**ଅଧ୍ୟାପନା ସହିତ ଲେଖନୀ ଚାଳନା କରିବା ଭିତରେ ତାଳମେଳ କିପରି ରଖନ୍ତି ?**

● ଅଧ୍ୟାପନା ସମୟରେ ମୁଁ ବହୁତ କମ୍ ଲେଖୁଥିଲି। ସେ ଲେଖାଗୁଡ଼ିକ ବିଶେଷ ଭାବରେ ବିଜ୍ଞାନ ଉପରେ ଉଦ୍ଦିଷ୍ଟ ଥିଲା, ଯଥା ବିଜ୍ଞାନ ସନ୍ଦର୍ଭ, ଲୋକପ୍ରିୟ ବିଜ୍ଞାନ। ପରେ ଅବସର ପରେ ଭାବନା ଓ ଲେଖାଲେଖିର ସମୟ ଅଧିକ ମିଳିଲା। ଧୀରେ ଧୀରେ ବିଜ୍ଞାନ ସାହିତ୍ୟ ଆଡ଼କୁ ଅଗ୍ରସର ହୋଇଚାଲିଛି।

**ପରିବେଶ ସୁରକ୍ଷା ଯେଭଳି ଜନଜାଗରଣ ସୃଷ୍ଟି ହେବା କଥା ସେପରି ହେଉନାହିଁ ବୋଲି ଭାବୁଛନ୍ତି କି ?**

●ନିଶ୍ଚୟ ମୁଁ ଭାବୁଛି, କାହିଁକିନା ଆମର ସଚେତନତାର ଘୋର ଅଭାବ ରହିଛି। ଆମେ ବେଶି ପରଜୀବୀ ହୋଇଯାଉଛୁ। ଅର୍ଥାତ ସରକାରଙ୍କ ଉପରେ ଅଧିକ ନିର୍ଭର କରୁଛୁ ଓ ସରକାର ଆମପାଇଁ ସବୁକିଛି କରିଦେବେ। ଆମେ ନିଜସ୍ୱ କର୍ମ ଉପରେ କମ୍ ତତ୍ପର ହେଉଛୁ। ଉଦାହରଣ, ଆମେ ଯଦି ରାସ୍ତାର ନିୟମ ନମାନି ଚାଲିବା ନିଶ୍ଚୟ ଦୁର୍ଘଟଣା ହେବ। ସେହିପରି ପରିବେଶର ନିୟମ ନମାନିଲେ, ଆମେ ନିଶ୍ଚିତ ଭାବରେ ଏକ ଅସ୍ୱାସ୍ଥ୍ୟକର ରୁଗ୍‌ଣ ସମାଜରେ ବାସ କରିବା। ତେଣୁ ନିଜେ ସଚେତନ ରହି ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ବଜାୟ ରଖିବାରେ ନିଜେ ଯତ୍ନବାନ ହେବା ଉଚିତ।

**ସାହିତ୍ୟ, ବିଜ୍ଞାନକୁ ନେଇ ଅନେକ ପୁସ୍ତକ ରଚନା କରିଛନ୍ତି, ନିଜର ମନୋଭାବ ପରିପ୍ରକାଶ କେଉଁ ବିଭାଗରେ ଅଧିକ କରିପାରନ୍ତି ?**

●ଯେହେତୁ ମୁଁ ଜଣେ ବିଜ୍ଞାନର ପ୍ରଫେସର, ତେଣୁ ବିଜ୍ଞାନଭିତ୍ତିକ ଲେଖା ଉପରେ ମୁଁ ବେଶି ଗୁରୁତ୍ୱ ଦିଏ। ତାହା ସହିତ ସାହିତ୍ୟ ଉପରେ ମଧ୍ୟ ମୋର ଲେଖାକୁ ଉଜ୍ଜୀବୀତ କରେ। ବିଶେଷତ ମୁଁ ବିଶ୍ୱର ଯୁଦ୍ଧଜନିତ ଯେଉଁ ଧ୍ୱଂସଲୀଳା ଚାଲିଛି, ତାହା ବିରୁଦ୍ଧରେ ମୋର ସ୍ୱର ପ୍ରତ୍ୟେକ ଲେଖାରେ ପ୍ରତିଫଳିତ ହୋଇଛି, ପଦ୍ୟ ହେଉ ଅବା ଗଦ୍ୟ।

**ଅଧ୍ୟାପନାର ସବୁଠୁ ସୁଖଦ ଓ ଦୁଃଖଦ ଅନୁଭବ କଣ ରହିଛି ?**

●ସବୁଠାରୁ ସୁଖଦ ଅନୁଭବ ହେଲା, ମୋ ଅଧିନରେ ଅନେକ ଛାତ୍ରଛାତ୍ରୀ ଗବେଷଣା କରି ଦେଶବିଦେଶରେ ସୁନାମ ଅର୍ଜନ କରିବା ସହିତ ନିଜସ୍ୱ ପ୍ରତିଭା ବଳରେ ଅନେକ ପୁରସ୍କୃତ ହୋଇଛନ୍ତି। ମୋ ଜୀବନର ବଡ଼ ଦୁଃଖଦ ଅନୁଭବ ହେଲା, ମୁଁ ଅନ୍ୟାୟର ଶିକାର ହୋଇଛି। ଯେମିତିକି ମୋର ଉପରିସ୍ଥ ବିଭାଗୀୟ ମୁଖ୍ୟ ମୋର ସିସିଆରକୁ ଖରାପ କରିବା ଯୋଗୁଁ ମୋତେ ପ୍ରଫେସରରୁ ରିଡରକୁ ଅବନତି କରାଯାଇଥିଲା। ମୋ ଭଳି ଉତ୍କଳ ବିଶ୍ୱବିଦ୍ୟାଳୟର ଏଗାର ଜଣ ପ୍ରଫେସର ଅବନତି ହୋଇଥିଲେ। ମାତ୍ର ସେଥିରୁ ମୋ ବ୍ୟତୀତ ଦଶଜଣ ନ୍ୟାୟ ପାଇଁ କୋର୍ଟରେ ସାହାରା ନେଇଥିଲେ। କିନ୍ତୁ ମୁଁ କୋର୍ଟର ସାହାରା ନନେଇ କୁଳାଧିପତିଙ୍କୁ ମୋର ଅନ୍ୟାୟ ବିଷୟରେ ଜଣାଇଲି ଓ ସର୍ବାଗ୍ରେ ମୁଁ ନ୍ୟାୟ ପାଇଲି।

**କ୍ରମବିବର୍ତ୍ତନବାଦକୁ ଭବିଷ୍ୟତରେ କେଉଁ ରୂପରେ ଆକଳନ କରନ୍ତି ? ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ ହିସାବରେ କେଉଁସବୁ ଅଧୋପତନକୁ ଗ୍ରହଣ କରିପାରିବ ବୋଲି ଭାବୁଛନ୍ତି ?**

●ପ୍ରାଣି ବିଜ୍ଞାନୀ ପ୍ରଫେସର ହିସାବରେ ମୁଁ ନିଶ୍ଚିତ ଭାବରେ କହିବି ଓ ପ୍ରମାଣ ମଧ୍ୟ ଦେବି, ଯେ କ୍ରମବିବର୍ତ୍ତନବାଦ ନିଶ୍ଚିତ ଭାବରେ ଆମ ଜିନ୍‌ରେ ଗତି କରୁଛି। ଏହା ନିଶ୍ଚିତ ଯେ ଭବିଷ୍ୟତରେ ମଣିଷଠୁ ଉନ୍ନତ ମଣିଷ(ସୁପର ମ୍ୟାନ୍) ସୃଷ୍ଟି ହେବ। ଯେପରି ଆମେ ମାଙ୍କଡ ଠାରୁ ସୃଷ୍ଟି ହୋଇଛୁ। କିନ୍ତୁ ମନରେ ଭୟ ଯେ ନୂତନ ଉନ୍ନତ ମଣିଷ ଆଜିର ସଭ୍ୟ ମଣିଷକୁ କିଭଳି ଦୃଷ୍ଟରେ ବିବେଚନା କରିବେ ? ମୋ ମତରେ ଉନ୍ନତ ମଣିଷ ଆଜିର ସଭ୍ୟ ମଣିଷକୁ ନିଜର ପରାକ୍ରମ ବଳରେ ହୁଏତ ଅତୀତର ଅନାର୍ଯ୍ୟ ଓ ଦାବ୍ରିଡ଼ ଭଳି କ୍ରୀତଦାସ କରି ରଖିପାରନ୍ତି। ଭବିଷ୍ୟତରେ ପୃଥିବୀ ପୁରୁଷ ଶୂନ୍ୟ ହେବାର ଭୟ ଅଛି। କାରଣ ବିଜ୍ଞାନ ତଥ୍ୟ ଅନୁଯାୟୀ ପୁରୁଷର ୱାଇ କ୍ରୋମୋଜମର ଅଧୋଗତି ଘଟୁଛି, ଫଳରେ ପୁରୁଷ ଶୂନ୍ୟ ହେବାର ସମ୍ଭାବନା ରହିଛି। ତେଣୁ ସତର୍କତାର ଆବଶ୍ୟକତା ରହିଛି।

**ଲେଖାଲେଖି ପାଇଁ କାହିଁକି ଆଗ୍ରହ ପ୍ରକାଶ କଲେ, ଏହା କେତେ ଆପଣଙ୍କୁ ଆତ୍ମସନ୍ତୋଷ ଦେଇଛି ?**

●ଅବସର ପରେ ଗବେଷଣାରୁ ଧୀରେ ଧୀରେ ଦୂରେଇ ଯିବା ଦ୍ୱାରା ମୋର ଲେଖନୀ ମାଧ୍ୟମରେ ସମାଜକୁ ସଚେତନ କରିବାକୁ ଲେଖାକୁ ମାଧ୍ୟମ କଲି। ଏହା ମୋତେ ଅବସରକାଳୀନ ଆତ୍ମସନ୍ତୋଷ ଦେଉଛି।

**ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରତି ଆପଣଙ୍କ ଆଭିମୁଖ୍ୟ କଣ ?**

●ଏହା ଜଣେ ଲେଖକ ଓ କବିଙ୍କ ପ୍ରତି ପ୍ରେରଣାର ଉତ୍ସ।

**ମାର୍ଗଦର୍ଶକ ଭାବରେ ଅନେକ ପିଲାଙ୍କୁ ପିଏଚ୍‌ଡି ହାସଲ କରିବାରେ ଗାଇଡ୍ ଭୂମିକା ନିଭାଇଛନ୍ତି, ଛାତ୍ରଛାତ୍ରୀମାନେ କେବଳ ଗବେଷଣା ସନ୍ଦର୍ଭରେ ଅଟକି ଯାଉଛନ୍ତି ନା ଆଉ ଅଧିକ କିଛି ଜାଣିବାରେ ସେମାନଙ୍କ ଆଗ୍ରହ ରହିଛି ?**

●ବୈଜ୍ଞାନିକମାନେ ନୂତନ ନୂତନ ଉଦ୍ଭାବନ କରି ବିଶ୍ୱ ମଙ୍ଗଳ ପାଇଁ କାର୍ଯ୍ୟ କରିଚାଲିଛନ୍ତି। ସେଥିପାଇଁ ସେମାନେ ଅଧିକରୁ ଅଧିକ ଗବେଷଣା କାମରେ ଲିପ୍ତ ରହି ପରୋକ୍ଷ ବା ପ୍ରତ୍ୟେକ୍ଷ ଭାବରେ ପଥପ୍ରଦର୍ଶକ ଭାବରେ ଜନସେବା କରିଚାଲିଛନ୍ତି।

**ଓଡ଼ିଆ ମିଡିୟମର ପିଲା ଇଂରାଜୀ ମିଡିୟମ ଠାରୁ ସତରେ ପ୍ରଯୁକ୍ତି, ବୈଷୟିକ ତଥା ଯାନ୍ତ୍ରିକ ଶିକ୍ଷା ଗ୍ରହଣ କରିବାରେ ଦୁର୍ବଳ ସ୍ତରରେ ରହିଯାଉଛନ୍ତି ବୋଲି ଭାବୁଛନ୍ତି କି ?**

●ଆଜିର ଓଡ଼ିଆ ମାଧ୍ୟମର ପିଲା ଅନେକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରୁଛନ୍ତି। ଆମର ଏହି ଭ୍ରାନ୍ତ ଧାରଣା ଦୂରେଇ ଦେବା ଉଚିତ।

**ଜଣେ ଶିକ୍ଷାବିତ୍ ଭାବରେ ଆପଣଙ୍କ ବାର୍ତ୍ତା କଣ ରହିବ ?**

●ଛାତ୍ରଛାତ୍ରୀମାନେ ପରଜୀବୀ ନହୋଇ ନିଜସ୍ୱ ଚେଷ୍ଟା ବଳରେ ଶିକ୍ଷା ଆରୋହଣ କରି ବଡ଼ ହେବାର ପ୍ରୟାସ ରଖିବା ଉଚିତ। ଆମେ ଗରିବ ବୋଲି ଭାବି ହୀନମନ୍ୟତାରେ ଶିକାର ନହୋଇ ଜ୍ଞାନ ପିପାସୁ ହେବା ଉଚିତ। ଅସମ୍ଭବକୁ ସମ୍ଭବ କରିବା ଉଚିତ।

**ଆପଣଙ୍କ ଜୀବନର ସଂକଳ୍ପ କଣ ରହିଛି ?**

●ଯେ ପର୍ଯ୍ୟନ୍ତ ମୋର ମସ୍ତିଷ୍କ ଓ ଲେଖନୀ ସଚଳ ଥିବ ଏବଂ ଶରୀର ସୁସ୍ଥ ଥିବ, ମୁଁ ଏହିଭଳି ବିଶ୍ୱ କଲ୍ୟାଣ ପାଇଁ ଲେଖି ଚାଲିଥିବି।





ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

# ଷ୍ଟାରକାଷ୍ଟରେ କେତେଦିନ ଚାଲିବ ଯାତ୍ରା ପାର୍ଟି :



ଓଡ଼ିଆ ଯାତ୍ରା ପାର୍ଟି ପ୍ରଯୋଜକମାନେ ଯେଭଳି ଭାବରେ ଷ୍ଟାରମାନଙ୍କୁ ପ୍ରୋଜେକ୍ଟ କରି ନାଟକକୁ ଗୌଣ କରି ଯାତ୍ରା ଚଲାଇଛନ୍ତି, ତାହା ଭବିଷ୍ୟତ ପାଇଁ କେତେ ଠିକ୍ ? ଯଦି ନାଟକ ନାହିଁ, ଯେତେବଡ଼ କଳାକାର ଆସିଲେ ବି କଣ ନାଟକ ହିଟ୍ ହୋଇପାରିବ ବୋଲି ପ୍ରଶ୍ନ କରନ୍ତି ବୁଦ୍ଧିଜୀବୀ । ଓଡ଼ିଆ ନାଟକ କାହିଁକି ଭଲ ହେଉନାହିଁ, ଏହାର ତର୍ଜମା କେହି କରିଛନ୍ତି କି ? ପ୍ରଯୋଜକ, ପରିଚାଳକ, ନାଟ୍ୟକାର, ନିର୍ଦ୍ଦେଶକମାନେ ଏହି ବାବଦରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଛନ୍ତି କି ? ଯଦି ଆଲୋଚନା କରିଛନ୍ତି, ଏହାର ନିର୍ଯ୍ୟାସ କାହିଁକି ବାହାରି ପାରୁନାହିଁ । ନାଟକଟିଏ ପରିବେଷଣ ହେବା ପୂର୍ବରୁ ପ୍ରଯୋଜକ ଓ ନାଟ୍ୟକାର-ନିର୍ଦ୍ଦେଶକ କାହାଣୀ ବାବଦରେ ବାରମ୍ବାର ଆଲୋଚନା କରିବା ଓ ସେ ବର୍ଷ ପାଇଁ ନାଟକଟି କିଭଳି ବ୍ୟବସାୟିକ ସଫଳତା ହାସଲ କରିପାରିବ, ଦୃଷ୍ଟିଦେବା ଭଳି କଥା ଯଦି ଆଲୋଚନା ହୋଇପାରୁଛି, ତା'ହେଲେ ନାଟକ ଭଲ ହେବାପାଇଁ କାହିଁକି କଥାବାର୍ତ୍ତା ହେଉ ନାହାନ୍ତି । ଯେତେବେଳେ ଓଡ଼ିଆ ନାଟକର ମାନ ବୃଦ୍ଧି କଥା ପଡ଼େ, ସେତେବେଳେ ଅବଶ୍ୟ ପ୍ରଯୋଜକ ଓ ନାଟ୍ୟକାର-ନିର୍ଦ୍ଦେଶକ ପରସ୍ପର ପ୍ରତି ଦୋଷ ଦେବା ଦେଖାଯାଇଥାଏ । ଆମେ ଭଲ ନାଟ୍ୟକାର-ନିର୍ଦ୍ଦେଶକ ଚୟନ କରିଛୁ ଓ ଉପଯୁକ୍ତ ପାରିଶ୍ରମିକ ଦେଇଛୁ ବୋଲି ପ୍ରଯୋଜକ ଦାବି କରିବାବେଳେ ନାଟ୍ୟକାର-ନିର୍ଦ୍ଦେଶକମାନେ ସମୟ ଅଭାବ ଓ ପାରିଶ୍ରମିକ କମ୍ ମିଳୁଥିବା କଥା କହିବା କିଛି ଅଯୌକ୍ତିକ ନୁହେଁ । ବିଗତଦିନରେ ଯାହା ପାରିଶ୍ରମିକ ନାଟ୍ୟକାର-ନିର୍ଦ୍ଦେଶକମାନେ ପାଉଥିଲେ, ଆଜିଯାଏ ସେମିତି କିଛି ଆଖିଦୃଶିଆ ପାରିଶ୍ରମିକ ମିଳୁନାହିଁ ବୋଲି କିଛି ନାଟ୍ୟକାର-ନିର୍ଦ୍ଦେଶକ କହିବା କିଛି ଭୁଲ ହୋଇ ନପାରେ ! କଥା ଉଠୁଛି ଯଦି ପାରିଶ୍ରମିକ ଓ ଅନ୍ୟାନ୍ୟ କଥାକୁ ନେଇ ନାଟକ ଭଲ ହୋଇପାରୁନାହିଁ ବୋଲି ନାଟ୍ୟକାର-ନିର୍ଦ୍ଦେଶକ କଥା ଉଠାଉଛନ୍ତି, ସେମାନେ ଏହାର ସଂଶୋଧନ କିଭଳି ହୋଇପାରିବ, ଆପୋଷ ଆଲୋଚନା ହେବା ଉଚିତ । ନାଟକ ଯଦି ଭଲ ଆଗକୁ ନହୁଏ, ହୁଏତ ଯାତ୍ରା ପ୍ରତି ଲୋକଙ୍କ ମନୋଭାବ ବଦଳିଯିବ ଓ ଦର୍ଶକ ମୁହଁ ଫେରାଇ ନେବାକୁ ବାଧ୍ୟ ହେବେ ବୋଲି ବୁଦ୍ଧିଜୀବୀ କୁହନ୍ତି ।

## କମୁଛି ନାଟକର ସମୟସୀମା

ଦିନକୁଦିନ ନାଟକର ସମୟସୀମା କମୁଥିବା ଦେଖାଯାଉଛି । ମେଲୋଡିକୁ ଗୁରୁତ୍ୱ ଦିଆଯାଇ ଯେଭଳି ଭାବରେ ନାଟକର ସମୟସୀମାକୁ କମ୍ କରାଯାଉଛି, ନାଟକରେ କାହାଣୀ କି ଚରିତ୍ରକୁ ନ୍ୟାୟ ଦେବାରେ ନାଟ୍ୟକାର ପଛଘୁଞ୍ଚା ଦେବାକୁ ବାଧ୍ୟ ହେଉଛନ୍ତି । ଅନେକ ନାଟକର କାହାଣୀ ଖାପଛଡ଼ା ଲାଗୁଥିବାବେଳେ ନାଟକରେ ଚରିତ୍ର ଓ ଦୃଶ୍ୟର ଆନୁପାତିକ ଭାଗମାପ କମ୍ ରହୁଥିବା ଦେଖାଯାଉଛି । ମେଲୋଡି ଦେଖୁଥିବା ଲୋକଙ୍କ ପାଇଁ ଏହା ହୁଏତ ସୁହାଇପାରେ କାରଣ ସେମାନେ ମେଲୋଡି ଦେଖିସାରିବା ପରେ ପ୍ୟାଭିଲିୟନ ଛାଡ଼ି ଚାଲିଯାଉଛନ୍ତି । ଯେଉଁମାନେ ନାଟକ ଦେଖିବାକୁ ଅପେକ୍ଷା କରି ବସି ରହୁଛନ୍ତି, ଯଦି ସେମାନଙ୍କ ମନଲାଖି ନାଟକ ହୋଇ ନପାରେ, ନିରାଶ ହେବା ବ୍ୟତୀତ ଆଉ କିଛି ଚାରା ନଥାଏ । ଆଜିକାଲି ଟିକେଟର ଦାମ ବୃଦ୍ଧି ମଧ୍ୟ ଦର୍ଶକଙ୍କ ଉପରେ ଚାପ ସୃଷ୍ଟି କରୁଛି । ଯଦି ଏତେ ଟଙ୍କା ଦେଇ ଟିକେଟ କିଣି ଜଣେ ଦର୍ଶକ ନାଟକକୁ ମନଭରି ଉପଭୋଗ କରି ନପାରେ, ତା'ହେଲେ ସେ ଯାତ୍ରାକୁ ଯାଇ ରାତି ଅନିଦ୍ରା ହେବ ବା କାହିଁକି ?

## ଅଧିକ ନଟଙ୍ଗୀ

ଅନେକ ବରିଷ୍ଠ କଳାକାର ନାଟକ କରିବା ନାଁରେ ଅଧିକ ନଟଙ୍ଗୀ କରୁଥିବା ଦେଖାଯାଏ । ଅତି ରଞ୍ଜିତ ଭାବରେ ଚରିତ୍ରକୁ ନେଇ ଯାହାକିଛି କରିବା କଥା ନୁହେଁ କରିଦିଅନ୍ତି । ଦର୍ଶକଙ୍କ ଭାବାବେଗକୁ ଗୁରୁତ୍ୱ ନଦେଇ ନିଜ ମର୍ଜିରେ ଅଧିକ ହାଇଲାଇଟ୍ ପାଇଁ ଯାହା କରି ବସନ୍ତି, ତାହାକୁ ଦର୍ଶକ ଗ୍ରହଣ କରିପାରନ୍ତି ନାହିଁ । ଫଳରେ ଦର୍ଶକ ଥରେ ସେ ଅପେରାର ନାଟକ ଦେଖିଲା ପରେ ଆଉଥରେ ଯିବାକୁ ମନ ବଳାନ୍ତି ନାହିଁ । କଳାକାର ଭାବରେ ଅଭିନୟର ଯେଉଁ ସୀମା ରହିଛି, ତାହା ଟପିଗଲା ପରେ ନାଟକର କେବଳ ମାଧୁର୍ଯ୍ୟ ନଷ୍ଟ ହୁଏନାହିଁ ବରଂ ଦର୍ଶକ ବିରକ୍ତ ପ୍ରକାଶ ମଧ୍ୟ କରନ୍ତି । ଯେଉଁ ଦର୍ଶକଙ୍କୁ ନେଇ କଳାକାର ନିଜର ଲୋକପ୍ରିୟତା ଅର୍ଜନ କରେ, ସେମାନେ ଯଦି ବିତୃଷ୍ଣା ପ୍ରକାଶ କରିବେ, କାହାପାଇଁ ହେବ ନାଟକ ପରିବେଷଣ !





ମିନାକ୍ଷୀ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com